# ପିଲାଙ୍କ କଥା (ସାଦ୍‌ରୀ)

## ଦ୍ୱିତୀୟ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
**ପ୍ରଫେସର ଅଖିଳ ବିହାରୀ ଓତା**

ପ୍ରସ୍ତୁତି
**ସାଦ୍‌ରୀ ସଂସାଧକ ମଣ୍ଡଳୀ**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**

ଅଳଙ୍କରଣ
**ପ୍ରିୟରଞ୍ଜନ ବରାଳ**

ପ୍ରସ୍ତୁତି
**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

Director :
**Prof. (Dr.) A.B. Ota**

Prepared by :
**Sadri Resource Group**

Co- ordinator :
**Dr. Paramananda Patel**

Illustration :
**Priyaranjan Baral**

Organised by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସଂପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକର ଅନେକ ଉପଭାଷା ; ବୋଲି ତିଆରି କରି ଦେଇଛି , ତେଣୁ ବିସ୍ତରକୁ ନେଲେ ଅନେକ ଭାଷା-ଉପଭାଷାର ବିଚିତ୍ର ସ୍ଥିତି ଆମକୁ ଅଡୁଆ କରିଥାଏ ।

ଦ୍ୱିତୀୟତଃ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀର ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରକ ବୁଝିବାରେ ସକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥାର ଭାଷା ସହ ଜଡ଼ିତ , ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ ପରିବେଶ ପ୍ରସ୍ତୁତ ହୁଏ , ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକ ମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପ୍ରର୍ଯ୍ୟାୟ କ୍ରମେ ତାଲିମ୍ ଦିଆଯାଉଛି । ଦ୍ୱିତୀୟତଃ ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବାପାଇଁ ତାଙ୍କ ଭାଷା ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ର ଭିତ୍ତିକ କାହାଣୀ-ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଇଅଛି । ଏହି ପୁସ୍ତିକା ସଂକଳନରେ ସୁନ୍ଦରଗଡ଼ ଅଞ୍ଚଳର ଅନେକ ଲୋକ ତତ୍ତ୍ୱବିଦ୍ ସହଯୋଗ କରି ପ୍ରକାଶନ ଉପଯୋଗୀ କରିଛନ୍ତି । ଏହା ପିଲାମାନଙ୍କୁ କେବଳ ଆନନ୍ଦ ଦେବ ତା ନୁହେଁ ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ପାଇବେ ।

ଅଖିଳ ବିହାରୀ ଓତା

# ଶୁଗାକେର ଭାକ୍ତି
## (ଶୁଆର ଭକ୍ତି)

ଗୋଟେକ ରାଇଜ ରାହେ । ଉ ରାଇଜ୍ ମେ ଏକ୍‌ଝାନ୍ ବହୁତ ସୁନ୍ଦର, ଆପାନ ଆଦ୍‌ମି ମାନକେର ଆସୁବିଧା ମାନକେ ବୁଝେକ୍ ଓ୍ୱାଲା ରାଜା ରାହାଏଁ । ରାଜା ଜାଇସାନ୍ ରାହାଏଁ ଆପାନ ରାନି ଭି ଉସ୍‌ନେହଁ ସାରାଲ୍, ଉର ଭାଗଓ୍ୱାନ କେ ସେଓ୍ୱା କାରାଇୟା ରାନିରାହାଏଁ । ଭାଗଓ୍ୱାନ କେ ଭାକ୍ତି କାରତେ  ରାହାଲେଁ ହେଁ ଉମାନକେର ଛାଉଆ ପୁତା ନି ରାହଏଁ । ସେକାର୍ ସେ ରାନୀ ରାଜା କେ କାହିକେ ଗୋଟେକ ଶୁଗା ଟାରାଇ ପୋଇସ୍ ରାହାଏଁ । ରାନୀ ଶଗାକେ ଆପାନ୍ ଛୁଆ ଲେଖେ ବାହୁତ୍ ଯାତାନ୍ ସେ ପାଳନ୍ କାରାତ ରାହେ । ଆପାନ ଛାଉଆ ଲେଖେ ଖିଆକ୍ ପିଆକ୍ ଆଉର୍ ସେଓ୍ୱା ଯାତାନ୍ କାରାତ୍ ରାହଏଁ ।

ଗୋଟିଏ ରାଜ୍ୟ ଥିଲା । ସେ ରାଜ୍ୟରେ ଜଣେ ପ୍ରଜାବତ୍ସଳ ରାଜା ରାଜତ୍ୱ କରୁଥିଲେ । ସେ ଥିଲେ ଭଗବାନ ଉପାସକ ରାଜା ଯେପରି ତାଙ୍କ ରାଣୀ ମଧ୍ୟ ସେପରି ସରଳ, ପ୍ରଜାବତ୍ସଳ ଓ ଭଗବାନ ଉପାସକ । ଭଗବାନଙ୍କ ଭକ୍ତ ଥିଲେ ମଧ୍ୟ ତାଙ୍କର ସନ୍ତାନସନ୍ତତି ନଥିଲେ । ତେଣୁ ରାଣୀଙ୍କ ଅନୁରୋଧ କ୍ରମେ ସେମାନେ ଗୋଟିଏ ଶୁଆ ପୋଷିଥିଲେ । ରାଣୀ ଶୁଆକୁ ଖୁବ୍ ଯତ୍ନର ସହିତ ଲାଳନ ପାଳନ କରୁଥିଲେ । ସନ୍ତାନ ଭଳି ତାକୁ ଖାଇବା ପିଇବା ଠାରୁ ଆରମ୍ଭ କରି ଶୋଇବା ଯାଏ ଆଦରରେ ଯତ୍ନ ନେଉଥିଲେ ।



ଇସୈନ୍ କି ଭାଗ୍ୱାନ୍ କେର୍ ପୂଜା କାରେକ୍ ହୋ ରାନୀ ଶୁଗା କେ ସିଖାଏଁ ରାହେ ଶୁଗା ହୋ ଇସେନ୍ ହେଓ୍ୱାଏ ଯାଏ ରାହେ କି ରାଜା ରାନୀ କେ ତାନିକ୍ ନି ଦେଖଲେ ରାହେକ୍ ନି ପାରାତ୍ ରାହେ । ଏହେ ଲେଖେ ଉମାନ୍ ସୁଖଶାନ୍ତି ସେରାହାତ୍ ରାହାଏଁ । ଏକଦିନ ରାଜା ରାନୀ ହାଠାତ୍ ମଇର୍ ଗେଲାଏଁ ରାଜା କେର୍ ମାନ୍ତ୍ରୀ, ପାରଷାଦ୍ ମାନ ସୋଭେ ମିଶ୍ କେ ରାଜାରାଣୀ କେର୍ ଆନ୍ତିମ ସଂସ୍କାର କରଲାଏଁ ଆଉର ଶୁଗା ଚାରଇକେ ଗୋଟେକ୍ ଗାଛେ ଛଇଡ୍ ଦେଲାଏଁ । ଶୁଗା ଇ ଦେଇଖ୍ କେ ବାହୁତ୍ କାନ୍ଦଲାକ୍ ଆଉର୍ ସୋଚ୍ଲାକି ଏଖାନ ଆୟୋ ଆବା କେର୍ ବିନା କାଇସାନ ଜିଇ ।

ଏମିତି କି ଶୁଆକୁ ଭଗବାନଙ୍କ ଉପାସନା ମଧ୍ୟ ଶିଖାଇ ଥିଲେ । ଶୁଆ ଏଭଳି ଅଭ୍ୟସ୍ତ ହୋଇ ଯାଇଥିଲା ଯେ ସେ ରାଜାରାଣୀଙ୍କୁ ଟିକିଏ ନ ଦେଖିଲେ ରହିପାରୁ ନଥିଲା । ଏମିତି ସେମାନେ ସୁଖରେ ଜୀବନ ଯାପନ କରୁଥିଲେ । ଦିନେ ହଠାତ୍ ରାଜା ଓ ରାଣୀଙ୍କ ଏକ ସାଙ୍ଗରେ ମୃତ୍ୟୁ ହେଲା । ପାତ୍ରମନ୍ତ୍ରୀ ସମସ୍ତେ ମିଶି ରାଜା ଓ ରାଣୀଙ୍କ ଅନ୍ତିମ କ୍ରିୟା ସମାପନ କରି ଶୁଆକୁ ଗୋଟିଏ ଗଛରେ ଛାଡିଦେଲେ । ଶୁଆ ବହୁ ଚିନ୍ତା କଲା । ତା ମାଆ ବାପା ତ ମରିଗଲେ । ସେ ବର୍ତ୍ତମାନ କିପରି ବଞ୍ଚିବ ଚିନ୍ତା କଲା ଏବଂ ଗଛ ଡାଳରେ ବସି କାନ୍ଦିଲା ।



ଉଲ୍କାର ପାଛେ ଉ ଭାଗ୍ୱାନ୍ କେ ବିନ୍ତି କାରକ୍ ଲାଗ୍ଲାଗ୍ । ଶିବ ଆଉର୍ ପାର୍ବତୀ ଭାଗୱାନ ଉକ୍ାର (ଗୁହାରୀ) ବିନ୍ତିକେ ଶୁଇନ୍ କେ ଆଲାଏଁ ଆଉର୍ ଶୁଗାକେ କାହ୍ଲାଏଁ । ରାଜାରାନୀ କେର୍ (ଚିତା) ରାଖ୍ କେ ଜାମା କାର । ଶୁଗା ରାଜାରାନୀ କେ ଯେଠିନ୍ ପୋଡାଏ ରାହାଏଁ ଉଠିନାକ୍ ରାଖ୍କେ ଜାମା କାର୍ଲାକ୍ ଆଉର ଦୁଇ ଭାଗ କାରଲାକ୍ ଆଉର ଶୁଗାକେ ବିନ୍ତି ଶୁଇନ୍କେ ରାଜା ରାନୀକେ ଫିର୍ ସେ ଜିଆଏ ଦେଲାଏ । ଉମାନ ଆଉର୍ ଏକ୍ ବେର୍ ଜୀଉ ଉଠଲାଏଁ । ଆପାନ୍ ରାଜ କେ ଫିର୍ ସେ ପାୱେକ ପାର୍ଲାଏ ଆଉର ସୁଖ ଶାନ୍ତି ସେ ରାହଲାଏଁ ।

ଶେଷରେ ସେ ଭଗବାନଙ୍କୁ ବହୁତ ଡାକିଲା । ଭଗବାନଙ୍କ ଉପାସନା କଲା । ଭଗବାନ ଶିବ ପାର୍ବତୀ ଶୁଆର ଗୁହାରୀ ଶୁଣି ସେଠାକୁ ଆସିଲେ ଓ ରାଜାରାଣୀଙ୍କ ଚିତାକୁ ଏକାଠି କରିବା ପାଇଁ କହିଲେ । ଶୁଆ ଚିତା ଏକାଠି କରି ଚିତାକୁ ଦୁଇ ଭାଗ କରିଦେଲା । ଭଗବାନ ଶିବ ରାଜାରାଣୀଙ୍କୁ ଜୀବନ ଦେଲେ । ସେମାନେ ବଞ୍ଚି ପୁଣି ତାଙ୍କର ରାଜ୍ୟକୁ ଫେରି ସୁଖରେ ରାଜତ୍ୱ କଲେ ।



# ଫାଗୁ ପାରବ୍
# (ହୋଲି ପର୍ବ)

ଗୋଟେକ୍ ବାଲକା ସିମ୍ଭେର ଗାଛ ରାହେ । ଉକାର ନାମ ସସୋଲବିଧ୍ କାହିଲ୍ । ଓହେ ଗାଛ୍ ମେ ଏକ୍ଠୋ ଗିଧ୍ ଖତା ବାନାଏକେ ରାହାତ୍ରାହେ । ଉଲାର ନାମ ସୋନେଗିଧ୍ କାହିଲ୍ । ଓହେ ତାହାର ଦେଇକେ ଯୋନ ଆଦ୍ମୀମାନ୍ ଯା ଅତ୍ ରାହାଏଁ ଉମାନ୍‌କେର୍ ହାର ଔର ଜୁହାଇଁଟକେ ଲେଇଗ୍‌କେ ଖତା ବାନାତ୍ ରାହେ ଆଉର୍ ଆଦ୍ମୀମାନ୍‌କେ ମାଇର୍ ଦେଆତ୍ ରାହେ । ଏହେ ସେନେହେ ଢେର୍ ଆଦ୍ମୀମାନ୍‌କେ ମାଇର୍ ସିରାଏ ଦେଆତ୍ ରାହେ । ଇକେ ଦେଇଖ୍‌କେ ଆଦ୍ମୀମାନ୍ କାତରାଏଁ ଗେଲାଏଁ ଆଉର ଭାଗ୍ୱାନକେ ବିନ୍ତି କାରଲାଏଁ କି ଏହେ ଧାରତୀ ମେ ଜାନାମ୍ ଲେଓ୍ୱା ଔର ଗିଧିଠିନ୍ ସେ ହାମ୍‌ରେ କେ ବାଚାଓ୍ୱା । ଉଲାର ପାଛେ ଭାଗ୍ୱାନ୍ ଆଦ୍ମୀ ରୂପମେ ଜାନାମ୍ ହଲାଏଁ । ମାନ ଉମାନ୍‌କେର୍ ନାମ୍ ରାହେ ଠେଁପ୍ରା ଚେଙ୍ଗ୍ରା ଯୌଁଖାସ୍ ।



ଗୋଟିଏ ବଡ଼ ସିମିଳି ଗଛ ଥିଲା । ସେହି ଗଛରେ ଗୋଟିଏ ଶାଗୁଣା ବସା ବାନ୍ଧି ରହୁଥିଲା । ସେଇ ବାଟ ଦେଇ ଯେଉଁ ଲୋକମାନେ ଯାଉଥିଲେ ସେମାନଙ୍କର ଲଙ୍ଗଳ ଏବଂ ଜୁଆଡିକୁ ନେଇ ତାର ବସା ତିଆରି କରୁଥିଲା ଏବଂ ଲୋକମାନଙ୍କୁ ମାରିଦେଉଥିଲା । ଏମିତି କରି ବହୁ ଲୋକଙ୍କୁ ମାରିସାରି ଥିଲା । ଏହା ଦେଖି ଲୋକମାନେ ହତାଶ ହୋଇଗଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କଲେ କି ଏହି ପୃଥିବୀରେ ଜନ୍ମ ନିଅନ୍ତୁ ଏବଂ ଶାଗୁଣା ଠାରୁ ସେମାନଙ୍କୁ ମୁକ୍ତି ଦିଅନ୍ତୁ । ତାପରେ ଭଗବାନ ଜନ୍ମ ନେଲେ । ତାଙ୍କର ନାଁ ଥିଲା ଠେଁପରା ଚେଙ୍ଗ୍ରା ଯୋଖାସ୍ ।

ଓହେ ଛଣ୍ଡା ଧାନୁତୀର ଧାଇର୍‌କେ ଯୋନ୍ ସିମ୍ଭେର୍ ଗାଛ୍ ରହେ ଓହେ ପାହାଡ଼୍ ପାଶେ ଗେଲାଏଁ । ତହେ ପାହାଡ଼୍ ପାଶେ ଗୋଟେକ୍ ଗାଁଓଁ ରାହେ । ଉ ଗାଁଓକାର୍ ନାଓଁ ଖୋସାପାଦ୍ଧା । ଉ ଛଣ୍ଡାଗୋ ଗାଁଓଁ ମେ ପହଞ୍ଚ୍‌ଲାକ୍ । ଓହେ ଗାଁଓ୍ୱେଁ ଖସୋପାଛୋ କାହିକେ ଗୋଟେକ୍ ବୁଢ଼ୀୟା ରାହାତ୍ ରାହେ । ଉ ବୁଢ଼ୀଆକେ ଉଳାର ଘାରେ ରାହେକ୍‌ଲାଗିନ୍ ଛଣ୍ଡା ଗୋ କହଲାକ୍ । ଉକାର୍ ପାଛେ ଛଣ୍ଡାଗୋ ବୁଢ଼ୀୟାକେର୍ ଘାରେ ରାହ୍‌ଲାକ୍ । ଓହେଦିନ୍ ରାଇତ୍‌ମେ ଛଣ୍ଡା ଗୋ ଉକାର୍ ଧାନୁତୀରକେ ଶୂତେକ୍ ଘାର୍‌କେର ପୂରବ୍‌ବାଟାକ୍ ପାଟୀ ଉପରେ ଖୁଇସ୍ ଦେଲାକ୍ ।

ସେହି ପିଲା ଧନୁତୀର ଧରି ସେହି ଶିମିଳିଗଛ ଥିବା ପାହାଡ ପାଖକୁ ଗଲେ । ସେହି ପାହାଡ ପାଖରେ ଗୋଟିଏ ଗାଁ ଥିଲା । ସେ ଗାଁର ନା ଖାସୋପାଦ୍ଧା । ସେହି ପିଲାଟି ଗାଁକୁ ପହଞ୍ଚିଲା । ସେ ଗାଁରେ ଖସୋପାଚୋ କହିକି ଗୋଟିଏ ବୁଢୀ ରହୁଥିଲା । ସେ ବୁଢୀକୁ ତାର ଘରେ ରହିବା ପଇଁ ପିଲାଟି କହିଲା । ତାପରେ ପିଲାଟି ବୁଢୀ ଘରେ ରହିଲା । ସେହିଦିନ ରାତିରେ ପିଲାଟି ତାର ଧନୁତୀରକୁ ଶୋଇବା ଘରର ପୂର୍ବ ବାଟର ପାଟି ଉପରେ ରଖିଦେଲା ।



ଉକାର୍ ପାଛେ ଛଣ୍ଡାଗୋ ନିନ୍ଦାଏ ଗୋଲାକ୍ । ଉ ବୁଢୀୟା ଗୋ ଚବଶ୍ ନି ରାହେ । ଉ ବୁଢ଼ୀୟା ଗୋ ଡ଼ାଇନ୍ ପ୍ରକୃତିକାର୍ । ଘୂନ୍ ଦିଲୁଓ୍ୱା ଯାଏକେ ଛଣ୍ଡାକେର୍ ଧାନୁକେ ଖାଏ ଦେଲାକ୍ । ଉଳାର ପାଛେ ଦୋସରାଦିନ୍ ଛଣ୍ଡାଗୋ ଧାନୁତୀର୍ ଧାଇର୍‌କେ ମାରେକ୍ ଲାଗିନ୍ କୁଶିସ୍ କର୍‌ତେ ଉଳାର ଧାନୁତୀର ଟୁଇଟ୍ ଗୋଲାକ୍ । ଏହେସେନେ ତିନ୍‌ବାର୍ ହତେ ଆକ୍ଷୀରିମେ ଛଣ୍ଡାଗୋ ଗୋଟେକ୍ ଲହାକେର୍ ଧାନୂତୀର୍‌କେ ଆଇନ୍‌କେ ସେହେଠାନ୍ ଖୁଇସ୍ ଦେଲାକ୍ । ଡ଼ାଇନ୍ ବୁଢ଼ୀୟା ଆଗେ ଲେଖେ ସେହେ ଘୂନ୍ ପିଲୁଓ୍ୱାକେ ଧାନୂତୀରକେ ଖାଏକେ ଲାଗିନ୍ ଭେଜ୍‌ଲାକ୍ ।

ତାପରେ ପିଲାଟି ଶୋଇ ପଡିଲା । ସେହି ବୁଢ଼ୀଟି ଭଲ ନ ଥିଲା । ବୁଢୀଟି ଡାହଣୀ ପ୍ରକୃତିର ଥିଲା ।ଘୁନ ପୋକକୁ ପିଲାଟିର ଧନୁତୀରକୁ ଖାଇଦେବାକୁ ପଠାଇଲା । ଘୁନ ପୋଲ ଯାଇ ପିଲାଟିର ଧନୁକୁ ଖାଇଦେଲା । ତାପରେ ତା ପରଦିନ ପିଲାଟି ଧନୁତୀର ଧରି ମାରିବାରୁ ଚେଷ୍ଟା କରିବାକୁ ତାର ଧନୁତୀରଟି ଭାଙ୍ଗିଗଲା । ଏମିତି ତିନିଥର ହେବାରୁ ଶେଷରେ ପିଲାଟି ଗୋଟିଏ ଲୁହାର ଧନୁତୀର ଆଣି ସେହି ଜାଗାରେ ରଖିଲା । ଡାହାଣୀ ବୁଢୀ ପୂର୍ବଭଳି ସେଇ ପୋକକୁ ଧନୁତୀର ଖାଇବାକୁ ପଠାଇଲା ।



ଘୂନ୍ ପିଲୁଓ୍ୱା ଲହା ଧାନୁକେ କାଟେକ୍ ନି ପାର୍‌ଲାକ୍ । ପିଲୁଓ୍ୱାଠୁ ମୁଇରକେ ସେହେ ଠିନ୍ ଗିର୍‌ଗେଲାକ୍ ଉକାର୍ ଦସରା ଦିନ୍ ବିହାନେ ବୁଢ଼ୀୟା ଉଇଠିକେ ବାଢ଼ରାଏକ୍ ବେରା ମୁଇର୍‌ଯାଏ ରାହେ ପିଲୁଓ୍ୱାକେ ବିଛ୍ ଆଇନ୍‌କେ ଗୋଟେକ୍ ପାଞ୍ଛିମେ ବଇନ୍ଧ ଦେଲାକ୍ ଔର୍ ଛଣ୍ଡାକେ ଯାଏକ୍ ତାହାରେ ମେ ଖାଏଦେବେ କାହଲାକ୍ । ଛଣ୍ଡାଗୋ ଡ଼ାହାରମେ ପାଞ୍ଛିକେ ଖୋଇଲକେ ଦେଖଲାକ୍‌ଯେ ପିଲୁଓ୍ୱାଠୁ ମଇର୍ ଯାହେ, ସେକାର୍ ଲାଗିନ୍ ଫିକ୍‌ଦେଲାକ୍ । ଉକାର ପାଛେ ଛଣ୍ଡାଗୋ ସେହେ ପାହାର ପାଶେ ପହଞ୍ଛିଲାକ୍ । ସେହେ ଗିଧି ଗରାଇଠୁ ଛଣ୍ଡାକାର୍ ଉପରେ ମେଣ୍ଡରାଏ ବୁଲାତ୍ ରାହେ ।

ଘୁନ ପୋକ ଲୁହା ଧନୁକୁ କାଟି ପାରିଲା ନାହିଁ । ପୋକଟି ମରିଯାଇ ସେଠି ପଡିଗଲା । ତାପର ଦିନ ସକାଳେ ବୁଢୀ ଉଠି ଝାଡୁ କରିବା ସମୟରେ ମରିଯାଇଥିବା ପୋକଟିକୁ ଦେଖିଲା । ସେଇ ପୋକଟିକୁ ଉଠାଇ ଆଣି ଗୋଟିଏ ଗାମୁଛାରେ ବାନ୍ଧିଲା ଏବଂ ପିଲାଟିକୁ ଯିବା ବାଟରେ ଖାଇଦେବା ପାଇଁ କହିଲା । ପିଲାଟି ବାଟରେ ଗାମୁଛା ଖୋଲିକରି ଦେଖିଲା ପୋକଟି ମରିଯାଇଛି, ତେଣୁ ସେ ଫିଙ୍ଗି ଦେଲା । ତାପରେ ପିଲାଟି ସେଇ ପାହାଡ ପାଖକୁ ପହଞ୍ଚିଲା । ସେଇ ଶାଗୁଣା ଚଢେଇଟି ପିଲାଟିର ଉପରେ ଉଡିବୁଲୁଥିଲା ।



ଛଣ୍ଡାଗୋ ପାହିଲା ତୀର ସେ  ଚାରାଇକେ ମରାଲାକ୍ । ଉକାର୍ ପାଛେ ଦୁସ୍ରା ତୀରସେ ଉଳାର ଖତାକେ ହେଁଠେ ଗିରାଏ ଦେଲାକ୍ । ତୀସ୍ରା ତୀରସେ ଗାଛକେର ଜୈର୍ ସେ ଉଖ୍ରାଏ ଗୋଲାକ୍ ଔର ସାଞ୍ଜ୍‌ବେରା ଗାଛ୍‌ଠୁ ଜାଇଲ୍ ଗେଲାକ୍ । ଉଳାର ପାଛେ ଆଦ୍‌ମୀମାନ୍ ଦେଇଖ୍‌କେ ଆପାସ୍ ମେ ଗୁଇଠ୍ ବାତ୍ ହତାତ ରାହାଏଁ କି ଗାଛ୍ କେ କେହାର୍ ଜାଲାଏ ଦେଲାଏଁ । ଏକ୍‌ଝାନ୍ ଆଦ୍‌ମୀ କାହାଲାକ୍ ଗୋଟେକ୍ ଠେଁପରା ଚେଙ୍ଗ୍ରା ଛଣ୍ଡା ଆଏରାହେ । ସେହେଛଣ୍ଡା ଜଲାଏ ରାହି ।

ପିଲାଟି ପ୍ରଥମ ତୀରରେ ଚଢେଇଟିକୁ ମାରିଲା । ତାପରେ ଆଉ ଗୋଟିଏ ତୀରରେ ତାର ବସାକୁ ତଳେ ପକାଇଦେଲା । ତୃତୀୟ ତୀରରେ ଗଛର ଚେରରୁ ଉପୁଡିଗଲା ଏବଂ ସନ୍ଧ୍ୟା ସମୟରେ ଗଛଟି ଜଳିଗଲା । ତାପରେ ଲୋକମାନେ ଦେଖି ନିଜ ନିଜ ଭିତରେ ଗଛଟିକୁ କିଏ ଜାଳିଦେଲା ବୋଲି କଥାହେଲେ । ଜଣେ ଲୋକ କହିଲା ଗୋଟିଏ ଠେପ୍ରା ଚେଙ୍ଗ୍ରା ପିଲାଟିଏ ଆସିଥିଲା । ସେ ହିଁ ଜାଳିଥିବ ।



ଓହେ ଛଣ୍ଡାକେ ଆଦମୀମାନ୍ ଭାଗୱାନ୍ କାହିକେ ଶୋଚଲାଏଁ । ଜନ୍‌ଦିନା ଗିଧ୍ ଚାରାଇକେ ମାଇରକେ ମରାଏ ଦେଲାଏଁ ସେହେ ଦିନ୍‌କେ ଫାଗୁନ୍ ପୁନି ପାରବ୍ କେ ଢ଼ଙ୍ଗ୍ ସେ ଓରାମମାନ୍ ପାଲନ୍ କାର୍‌ଲାଏଁ । ହର୍‌ସାଲ୍ ଫାଗୁନ୍ ପୁନି ଦିନା ଆଣ୍ଡିଆ ସିମ୍ଭେର ଗାଛକେ କୁଆଁରା ଛଣ୍ଡାମାନ୍ ଏକେଚୋଟ୍ ମେ କାଇଟ୍ ଆଇନ୍ କେ ଜାଲାଏନା । ସେହେଦିନା ନାୱାଁ ସାଦିୟାଲ୍ ଦାମାଦ୍ ମାନ୍‌କେ ଗୁଡିୟା ବୋଲାଏନା ।

ଲୋକମାନେ ସେହି ପିଲାଟିକୁ ଭଗବାନବୋଲି ଭାବିଲେ । ଯେଉଁଦିନ ଶାଗୁଣାଟିକୁ ମାରିଲେ ସେହି ଦିନଟିକୁ ଫଗୁଣ ପୂର୍ଣ୍ଣିମା ରୂପେ ଓରାମ ମାନେ ପାଳନ କଲେ । ପ୍ରତିବର୍ଷ  ଫଗୁଣ ପୂର୍ଣ୍ଣିମା ଦିନ ଅଣ୍ଡିରା ଶିମିଳି ଗଛକୁ ବାହା ନ ହୋଇଥିବା ପିଲାମାନେ ଗୋଟିଏ ଚୋଟରେ କାଟିଆଣି ତାକୁ ଜଳାନ୍ତି । ସେହିଦିନ ନୂଆଁ କରି ବାହାହୋଇଥିବା ଜ୍ୱାଇଁମାନଙ୍କୁ କୁଣିଆ ଡାକନ୍ତି ।



ଦାମାଦ୍‌ମାନ୍ ଔର ଗାଓଁକାର୍ ଛଣ୍ଡାମାନ୍ ମିଲ୍‌କେ ଜାଙ୍ଗଲ୍ ବାଟେ ସେନ୍ଦରା କାରେନ୍ ଯାଓ୍ୱାଏନା । ଉକାର ପାଛେ ଜଙ୍ଗଲ ମେ ମାରାଲ୍ ଜାନ୍ତୁକେର ମୁଣ୍ଡି ଭାଗ୍‌କେ ଘାର୍ ଆଇନ୍‌କେ ବାଁଟା ହଓ୍ୱାଏନା । ଏହେସ୍ନେଢ଼ାଙ୍ଗ୍‌ସେ ଫାଗୁନ୍ ପୁନି ପାରାବ୍ ମାନାଏନା ।

ଏବଂ ସେମାନେ ଓ ଗାଁର ପିଲାମାନେ ମିଶି ଜଙ୍ଗଲକୁ ଶିକାର କରିବା ପାଇଁ ଯାଆନ୍ତି । ତା ପରେ ଜଙ୍ଗଲରେ କରିଥିବା ଶିକାରର ମୁଣ୍ଡ ଓ ଗୋଡ ଅଂଶକୁ ଜଙ୍ଗଲରେ ହି ଖାଇଦିଅନ୍ତି । ଗଣ୍ଡି ଅଂଶକୁ ଘରକୁ ଆଣି ଭାଗ କରି ଖାଆନ୍ତି । ଏହିପରି ଭାବରେ ଫଗୁଣ ପୂର୍ଣ୍ଣିମା ପାଳନ କରନ୍ତି ।



# ସାତ ଭାଇ ଆଉର୍ ବାହିନ୍
## (ସାତ ଭାଇ ଓ ଭଉଣୀ)

ଆଗେ ଯୁଗ୍ ମେ ସାତ ଭାଇ ଆଉର୍ ଗୋଟେକ୍ ବାହୀନ୍ ରହଁାଏଁ । ସାତ ଭାଇ ଖେତ୍ ଖାଡ଼ିୟାନ୍ ମେ କାମ୍ କାରାତ୍ ରାହାଲାଏଁ । ବାହୀନ୍ ଘାର୍‌କେର୍ କାମ୍ କାରାତ୍ ରାହେ ଆଉର୍ ଭାତ୍ ରାନ୍ଧାତ୍ ରାହେ । କାମ୍ ସେ ଘୁଇର୍‌କେ ଯୋ ସୋବ୍ ରାନ୍ଧାଲ ରାହେଲ୍ ଉକେ ଉମାନ ଖାତ୍ ରାହାଏଁ । ଏକ୍ ଦିନ୍ କେର ଗୁଇଠ୍, ଉଦିନ୍ ରାନ୍ଧେକ୍ ଲାଗିନ୍ ବାହୀନ୍ କେ କୋନୋ ନି ମିଲ୍‌ଲାକ୍ । ସେକାର୍ ଲାଗିନ୍ ବାହୀନ୍ ଗୋ ଆପାନ୍ ବାରିସେ ଭାଜି ସାଗ୍ ତୋରଲାକ୍ ।



ଆଗ ଯୁଗରେ ସାତ ଭାଇ ଓ ଗୋଟିଏ ଭଉଣୀ ଥିଲେ । ସାତ ଭାଇଯାକ ବିଲବାଡିରେ କାମ କରୁଥିଲେ । ଭଉଣୀ ଘରକାମ କରୁଥିଲା ଓ ଭାଇମାନଙ୍କ ପାଇଁ ରୋଷେଇ କରୁଥିଲା । କାମରୁ ଫେରି ଯାହା ରୋଷେଇ ହୋଇଥାଏ, ସେ ସବୁ ଭାଇମାନେ ଖାଉଥିଲେ । ଦିନକର କଥା, ସେ ଦିନ ଭଉଣୀକୁ ରୋଷେଇ କରିବା ପାଇଁ କିଛି ପରିବା ମିଳିଲା ନାହିଁ । ତେଣୁ ସେ ନିଜ ଘର ବାଡିରେ ଥିବା ଭାଜି ସାଗ ତୋଳି ଆଣିଲା ।

ଅହେ ଭାଜି ସାଗ୍‌କେ କାଟେକ୍ ସାମାୟମେ ଉକାର ଆଁଗ୍‌ଠି କାଟିକ୍ କାଟାଏ ଗେଲାକ୍ । କାଟାଏ ଯାଏକ୍ ସେ ଆଁଗ୍‌ଠି ସେ ଲାହୁ ବାହାର୍‌ଲାକ୍ ଆଉର୍ ସାଗ ମେ ମିଶ୍ ଗେଲାକ୍ ।କାମ୍ ସିରାଏକେ ଭାଇମାନ୍ ଘାର୍ ଘୁରଲାଏଁ । ଉମାନ୍‌କେ ବାହିନ୍ ଖାଏକ୍ ଦେଲାକ୍ । ଉଦିନ୍ ସାଗ୍ ବାହୁତ୍ ସାଓ୍ୱାଦ୍ ଲାଗଲାକ୍ । ଭାଇମାନେ ବାହିନ୍‌କେ ପୁଛ୍‌ଲାଏଁ ଆଇଜ୍‌କା ମିସାହିସ୍ ଯେ ସାଗ୍ ଏତୈକ୍ ସାଓ୍ୱାଦ୍ ଲାଗାଥେ ।

ସେହି ଭାଜି ଶାଗକୁ କାଟିବା ସମୟରେ ତା ଆଙ୍ଗୁଠି ଟିକିଏ କାଟି ହୋଇଗଲା । କାଟି ହୋଇଯିବା ଦ୍ୱାରା ସେଥିରୁ ରକ୍ତ ବାହାରି ଶାଗରେ ମିଶି ଗଲା । କାମ ସାରି ଭାଇମାନେ ଘରକୁ ଫେରିଲେ । ସେମାନଙ୍କୁ ଭଉଣୀ ଖାଇବକୁ ଦେଲା । ସେଦିନ ଶାଗ ଭାରି ସୁଆଦିଆ ଲାଗିଲା । ଭାଇମାନେ ତାକୁ ପଚାରିଲେ-ଭଉଣୀ ଆଜି କଣ ମିଶାଇଚୁ ଯେ ଶାଗଟି ଏତେ ସୁଆଦିଆ ଲାଗୁଛି ।



**ବାହୀନ୍ କାହାଲାକ୍-ସାଗ୍ କାଟେକ୍ ବେରା ମୋର୍ ଆଁଗ୍ଠି କାଟିକ୍ କାଟାଏ ଗେଲାକ୍ ଆଉର୍ ଲାହୁ ନିକ୍‌ଲ୍‌ଲାକ୍ ଆଉର୍ ସାଗ୍‌ମେମିଶ୍ ଗେଲାକ୍ । ସେ କାର୍ ଲାଗିନ୍ ସାଗ୍ ଲାଲ୍ ହୁଇ ଗେଲାକ୍ ଆଉର୍ ସାୱାଦ୍ ଲାଗ୍‌ଥେ । ସେହେ ଦିନ୍‌ଲେକ୍ ହାମାର ଆଞ୍ଚାଲ୍‌କେର୍ ଓରାମ୍ ସାମାଜ୍‌ମେ ଆଦ୍‌ମିମାନେ ବିଶ୍ୱାସ୍ କାରେନ୍ ଯେ-ଯୋନ୍ ଭାଜି ସାଗ୍ ମେ ଲାହୁ ଲାଇଗ୍ ରାହେ, ଉ ସାଗ୍‌ଗୋ ଲାଲ୍ ଆହେ ଆଉର୍ ଦଶରା ଭାଜି ସାଗ୍ ହାରିଆର୍ ।**

ଭଉଣୀ କହିଲା ଶାଗ କାଟୁଥିବା ସମୟରେ ମୋର ଆଙ୍ଗୁଠି ଟିକିଏ କଟିଗଲା ଓ ରକ୍ତ ଶାଗରେ ମିଶିଗଲା, ତେଣୁ ଶାଗ ଲାଲ ହୋଇଗଲା ଓ ସୁଆଦିଆ ଲାଗିଲା । ସେହି ଦିନଠୁ ଆମ ଅଞ୍ଚଳର ଓରାମ ସମାଜର ଲୋକମାନେ ବିଶ୍ୱାସ କରନ୍ତି ଯେ, ଯେଉଁ ଭାଜି ଶାଗରେ ରକ୍ତ ମିଶିଥିଲା, ସେହି  ଭାଜି ଶାଗ ଲାଲ୍ ଓ ଅନ୍ୟଗୁଡା ସାଗୁଆ ।



# ଦୁୟୋ ଭାୟା
# (ଦୁଇ ଭାଇ)

ଗୋଟେକ୍ ଗାଁଆ ମେ ଦୁଇଝାନ ଭାଇ ରାହାଁଏ । ଉ ଦୁଇ ଝାନ୍‌କେ ଆୟ ଆବାମାନ୍ ସାଦି କାର୍‌ରକେ ଜାମିନ୍ ବାଟା କାଇର୍ ଦେଇ ରାହାଏଁ । ଛୋଟ ଭାଇକେ ତାନିକୁନ ଜାମିନ ଦେଲାଏଁ । ଆଉର୍ ବାଡ ଭାଇକେ ତାନିକ ବାଗ୍‌ରା ଜାମିନ୍ ଦେଲାଏଁ । ଆଉର୍ ଦୁୟୋ ଆଲାଗ୍ ଆଲାଗ୍ ରାହଲାଏଁ । ବାଡ ଭାଇ ଛୋଟ ଭାଇ ସେ ତାନିକ୍ ବାଗ୍‌ରା ଧାନୀ ରାହେ ।ଏକ୍‌ଦିନ୍ ଛୋଟ ଭାଇକେର୍ ବୁଢିଆକେ ଜାର୍ ଧାରଲାକ୍ । ଛୋଟ ଭାଇ ଆପାନ୍ ବୁଢିଆ କେ ଆସ୍‌ପାଓାଲ୍ ଲେଗଲାକ୍ ହୋଲେଭି ଜାର୍ ନି ଛୁଟ୍‌ଲାକ୍ । ଛୋଟ ଭାଇ ଉକାର ବୁଢିଆ ଲାଗିନ୍ ସବ୍ ଜାମିନ୍ କେ ବେଇଚ୍ ଦେଲାକ୍ । ଆଉର୍ ଆସ୍‌ପାଓାଲ୍ ଲେଗ୍‌ଲାକ୍  ହୋଲେଭି ଜାର୍ ନି ଛୁଟ୍‌ଲାକ୍ । ଅପାନ୍ ଲାଗିନ୍ କନୋ ଭି ଉପାଏ  ନି ଦିସ୍‌ଲାକ୍ ।

ଗୋଟିଏ ଗାଁରେ ଦୁଇ ଭାଇ ରହୁଥିଲେ । ସେ ଦୁହିଁଙ୍କୁ ତାଙ୍କ ବାପା ମା ବାହା କରି ବିଲ ସବୁ ବାଣ୍ଟି ଦେଲେ । ବଡ ଭାଇକୁ ଅଧିକ ଜମି ମିଳିଲା  ଓ ସାନ ଭାଇଙ୍କୁ କମ ଜମି ମିଳିଲା । ସେ ଦୁହେଁ ଅଲଗା ଅଲଗା ରହିଲେ । ବଡ ଭାଇ ସାନ ଭାଇ ଠାରୁ ଧନୀ ଥିଲା । ସାନ ଭାଇ ଗରିବ ଥିଲା ।  ଦିନେ ସାନ ଭାଇର ସ୍ତ୍ରୀକୁ ଜ୍ୱର ହେଲା । ସାନ ଭାଇ ନିଜର ସ୍ତ୍ରୀକୁ ଡାକ୍ତରଖାନାକୁ ନେଲା । ହେଲେ ମଧ୍ୟ ଜ୍ୱର କମିଲା ନାହିଁ । ସାନ ଭାଇ ତାର ସ୍ତ୍ରୀ ପାଇଁ ଜମି ସବୁ ବିକିଦେଲା ଓ ଡାକ୍ତରଖାନାକୁ ଚିକିତ୍ସାପାଇଁ ନେଲା ।  ହେଲେ ମଧ୍ୟ ଜ୍ୱର ଛାଡିଲା ନାହିଁ । ତାପରେ କିଛି ଉପାୟ ନାହିଁ ।



ଛୋଟ ଭାଇ ଉକାର ବାଡ ଭାଇ ଠିନ୍ ଗେଲାକ୍ । ଆଉର କାହାଲାକ୍ ଭାଇ ମକେ କୁଛ ପଇସା ଦେ । ମୋର ଯାନୀକାର ଯେତ୍‌ନା କନ କାର୍ ରୁଆଲେ ଭି ଜାର୍ ନି ଛୁଟାଥେ । ବାଡ ଭାଇକେର ତାନିକ ବାଗରା ଘାମାଣ୍ଡ୍ ରାହାଏଁ । ତୋର୍ ହାଁତ୍ ଦୁଇଠୁ କାଟବେ ହୋଲେ ପାଇସା ଦେବ୍ କାହଲାକ୍ । ଛୋଟ ଭାଇ ରାଜି ହେଲାକ୍ । ଆଉର୍ ହାଁତ୍ କାଇଟ୍ ଦେଲାକ୍ । ଉକାର୍ ପାଛେ ବାଡ ଭାଇ ଚାଟଙ୍ଗ୍ ପାଇସା ଦେଲାକ୍ । ଛୋଟ ଭାଇ ପାଇସା ଲେଇକେ ଆସ୍‌ପାଭାଲ୍ ପାଶେ ଗେଲାକ୍ । ଡାକ୍ଟାର ଇଲାଜ କାରଲାକ୍ ତ କନ୍ ନି ନିକାଇଲଲାକ୍ ଆଉର୍ ଏଗ୍‌ବେଲ୍ ବାଡ ଭାଇ ପାଶେ ଯାଏଲ ମାଗଲାକ୍ ଭାଇ କନ ପାଇସା ଦେ ।

ସାନ ଭାଇ ତାର ବଡ ଭାଇ ପାଖକୁ ଗଲା । କହିଲା ଭାଇ ମତେ କିଛି ଟଙ୍କା ଦିଅ । ମୋ ସ୍ତ୍ରୀଙ୍କର ଯେତେ କିଛି କରାଇଲେ ମଧ୍ୟ ଜ୍ୱର ଛାଡୁନାହିଁ । ବଡ ଭାଇ ବହୁତ ଅହଙ୍କାରୀ ଥିଲା । କହିଲା ତୋର ହାତ ଦୁଇଟି କାଟି ଦେବୁ ହେଲେ ମୁଁ ଟଙ୍କା ଦେବି । ସାନ ଭାଇ ରାଜି ହେଲା ଓ ହାତ ଦୁଇଟି କାଟି ଦେଲା । ତାପରେ ବଡ ଭାଇ ଟଙ୍କା ଦେଲା । ସାନ ଭାଇ ଟଙ୍କା ନେଇ କି ଡାକ୍ତର ପାଖକୁ ଗଲା, ଡାକ୍ତର ଚିକିତ୍ସା କଲେ । କିଛି ରୋଗ ବାହାରିଲା ନାହିଁ ।



ମୋର୍ ଯାନୀ କେର୍ ଜାର୍ ନି ଛୁଟାଥେ । ବାଡ ଭାଇ କାହାଲାକ୍ ତୋର୍ ଦୁୟୋ ଗୋଡ଼କେ କାଇଟ୍ ଦେବେ ହୋଲେ ମୋଏଁ ପାଇସା ଦେବ । ଛୋଟ ଭାଇ ରାଜି ହୋଲାକ୍ । ବାଡ ଭାଇ ଗୋଡକେ କାଟ୍ଲାକ୍ ଆଉର୍ ପଇସା ଦେଲାକ୍ । ଚୋଟ ଭାଇ ଘାର ଗେଲାକ୍ । ଆଉର ଏକ୍‌ବେର୍ ଡାକ୍ତାର ସେଇ ଲାଜ୍ କାରୁଆ ଲାକ୍ ହଲେଭି ଜାର୍ ନି ଛୁଟ୍ଲାକ୍ । ଛୋଟ ଭାଇ ଆଉର ଗଲାକ୍ ଆଉର୍ ଏକବେର୍ କନ୍ ପାଇସା ଦେବା ବାଡ ଭାଇ କାହାଲାକ୍ ତୋର୍ ଆଇଁଖ ଦୁୟୋକେ ନିକିଲାଏ ଦେବେ ହଲେ ମଏଁ ପାଇସା ଦେବ । ଛୋଟ ଭାଇକେର ଦୁୟୋ ଆଇଁଖ୍ କେ ନିକ୍ଲାଏ ଦେଲାକ । ଆଉର୍ ପାଇସା ଦେଲାକ୍ । ଆଉର୍ ଏକ୍ ବେରା ଡ଼ାକ୍ଟାର୍ ପାଶେ ଇଲାଜ୍ କାରେକ୍ ଲାଗିନ୍ ସେ ବେରା ଯାନୀ ହାରାକ୍ ଜାର ଛୁଟଲାକ୍ । ଆସ୍‌ପାତାଲ୍‌ସେ ଘାର୍ ଘୂର୍ଲାଏଁ । ଛୋଟ ଭାଇକାର୍ ଦୁଇଠୁ ବେଟାଛୁଆ ରାହାଏଁ । ଉମାନ୍‌କେର ପାଶେ କନୋ ରୂପିୟା କାଉଲି ନି ରାହେ, ଛୋଟ୍ ଭାଇତ ଆନ୍ଧା ।

ଆଉଥରେ ସାନ ଭାଇ ତାର ବଡ ଭାଇ ପାଖକୁ ଗଲା । ଟଙ୍କା ମାଗିଲା । ମୋର ସ୍ତ୍ରୀଙ୍କର ଜ୍ୱର ଛାଡୁନାହିଁ । ବଡ ଭାଇ କହିଲା ତୋର ଗୋଡ ଦୁଇଟି କାଟି ଦେବୁ ହେଲେ ମୁଁ ଟଙ୍କା ଦେବି । ସାନ ଭାଇ ରାଜି ହୋଇଗଲା । ବଡ ଭାଇ ଗୋଡ଼କୁ କାଟିଦେଲେ ଓ ସାନ ଭାଇକୁ କିଛି ଟଙ୍କା ଦେଲେ । ସାନ ଭାଇ ଟଙ୍କା ଧରି ଘରକୁ ଯାଇ ଡାକ୍ତରଙ୍କୁ ଦେଖାଇଲା । ହେଲେ ମଧ୍ୟ ସ୍ତ୍ରୀର ଜ୍ୱର ଛାଡିଲା ନାହିଁ । ସାନ ଭାଇ ଆଉଥରେ ଗଲା ବଡ ଭାଇ ପାଖକୁ ଯାଇ ଟଙ୍କା ମାଗିଲା । ବଡ ଭାଇ କାହିଲା ତୁ ତୋର ଦୁଇଟି ଆଖି ବାହର କରିଦେଲେ ମୁଁ ଟଙ୍କା ଦେବି । ସାନ ଭାଇ ଆଖି ଦୁଇଟି ବାହାର କରିଦେଲା ଓ ଟଙ୍କା ନେଇ ଘରକୁ ଫେରିଲା । ଆଉଥରେ ଡାକ୍ତର ପାଖକୁ ଚିକିତ୍ସା ପାଇଁ ଗଲା ବେଳେ ସ୍ତ୍ରୀର ଜ୍ୱର ଛାଡିଲା । ଡାକ୍ତର ଖାନାରୁ ଆସିଲେ । ସାନ ଭାଇର ଦୁଇଟି ପିଲାଛୁଆ ଥିଲେ । ତାଙ୍କ ପାଖରେ କିଛି ଟଙ୍କା ପଇସା ନଥିଲା । ସାନ ଭାଇ ତ ଅନ୍ଧ ଅଛି ।



ଗୋଡ ହାତ ନାଖେ କାଇସେନ୍ କାରି , ଉକାର ଦୁଇଠୁ ଛୁଆମାନ ଆପାନ୍ ଆବାକେ ଭିକ୍ ମାଗେକ୍ ଲାଗିନ୍ କୋନ ଦୁର ବାଜାର ଲେଇକେ ଛୋଇଡ଼ ଦେୱେନ୍ । ଆଉର୍ ଦୁୟୋ ଛୁଆ ଘୁଇର ଆଏନ୍ ସାଞ୍ଜ୍ ହଏଲ୍ ବେରା ଆନେକ୍ ଯାଏନ୍ । ଆଉର୍ ଉକାର୍ ସେ ଘାର୍ ଚାଇଲ୍ ଯାଏଲ୍ । ରଜ୍ ଦିନ୍ ଇସ୍ନେହଁ କାରତେରାହାଏନ୍ । ଏକ୍ଦିନ୍ ଆବା ହାର୍ କେ ଆନେକ୍ ଲାଗିନ୍ ନିଗେଲାଏଁ । ରାତିବେରା ଆବାହାରକେ କନୋ ନି ଦେଖାଲାକ୍ କା କାରୀ ଶୂତେକ୍ ଲାଗିନ୍ ଜାଗା ମାଗଲାକ୍ କେଓ ନି ଦେଲାଏଁ, ଉଲାଟ୍ ପାଲଟ୍ ହଇକେ ବାରଗାଛ୍ ପାସେ ଗେଲାକ୍ । ଉ ବାର ଗାଛ୍ ମେ ଭୂତ ମାନେ ସଭା କରାତ୍ ରାହାଏଁ ।

ହାତ ଗୋଡ ନାହିଁ କେମିତି କହିବ ସେ ଦୁଇ ଛୁଆ ଓ ବାପାଙ୍କୁ ଭିକ ମାଗିବାକୁ ବଜାରକୁ ନେଇ ଛାଡନ୍ତି । ଦୁଇ ଛୁଆ ଫେରି ଆସନ୍ତି । ସନ୍ଧ୍ୟା ହେଲେ ଆଣିବାକୁ ଯାଆନ୍ତି । ସାନ ଭାଇ ଯେତିକି ଭିକ ମାଗିଥାନ୍ତି , ସେଇଥିରେ ହିଁ ଦିନକର ପାଇଁ ଚଳି ଯାଆନ୍ତି । ପ୍ରତିଦିନ ସେମାନେ ସେମିତି କରନ୍ତି । ଦିନେ ଛୁଆ ଦୁହେଁ ତାଙ୍କ ବାପାଙ୍କୁ ଆଣିବାକୁ ଭୂଲିଗଲେ । ତାଙ୍କ ବାପାଙ୍କୁ ଅନ୍ଧାରରେ ଦେଖାଯାଉନାହିଁ । ସେ କଣ କରିବେ । ତାକୁ ଶୋଇବା ପାଇଁ କେହି ଜାଗା ଦେଲେନାହିଁ । ସେ ଓଲଟ ପାଲଟ ହୋଇ ଗୋଟିଏ ବରଗଛ ପାଖକୁ ଗଲେ । ସେ ବରଗଛରେ ଭୂତମାନେ ସଭା ଆୟୋଜନ କରିଥିଲେ ।



ସବସେ ବଡ ଭୂତ ଆପାନ୍ ସେ ଛୋଟ ଭୁତ୍ ମାନ୍ କେ କାହାଲାକ୍ ତହରେ ଆଇଜ୍ କେକାର କେ ନୁକ୍ସାନ୍ କରାଥା ? ଆଉର୍ ଏକ୍‌ଝାନ କେଁ କାହାଲାକ୍ ମୋଏଁ ଆଇଜ୍ ଦୁଇଭାଇ କେର୍ ମେଁହିସ୍ଙ୍ଗା କାରୁଆଲ । ଦୁଇ ଭାଇ ରାହାଏ । ଛୋଟ ଭାଇକେ ମେଁ ଆନ୍ଧ କରଲୋ । ଉକାର ହାତ ଗୋଡ କୋନ ନାଖେ । ଆଉର ଏକଝାନ କେ ପୁଛଲାକ୍ । କହଲାକ୍ ମୋଏଁ ଆଇଜ୍ ଗୋଟେକ୍ ଗାଁଓଁ କେର୍ ପାନି ସୋଉବ୍ କେ ଶୁଖାଏ ଦେଲୋଁ । ବାଡ ଭୂତ କାହାଲାକ୍ ଏଠିନ୍ ଇ ବାରଗାଛ୍ କେ ଚେର କେ ପିଶ୍‌କେ ଅନ୍ଧା ଆଦମୀ ପିଇ ହେଲେ ଛୁଟି । ଆଉର୍ ଚେରକେ ଜନ ଠିନା ପାନି ଶୁଖାଲ୍ ଆହେ ଉଠିନ ଚେର କେର୍ ଏକ୍ ବୁନ୍ଦା ପାନି ମେ ଡୁବାଇ ଦେଲେ ପାନି ସବ୍ ବାହାରି ।

ସଭାଠାରେ ସବୁଠାରୁ ବଡ ଭୂତ କହିଲା ନିଜ ଠାରୁ ସାନ ଭୂତ ମାନଙ୍କୁ ତୁମେ ଆଜି କାହାର କ୍ଷତି କରିଛ ? ମୁଁ ଆଜି ଦୁଇ ଭାଇଙ୍କ ଭିତରେ ଅହଙ୍କାର କରାଇ ଦେଲି । ଦୁଇ ଭାଇ ଥିଲେ । ଆଉ ଜଣଙ୍କୁ କହିଲା । ଛୋଟ ଭାଇକୁ ଅନ୍ଧ କରାଇଲି ତାର ହାତ ଗୋଡ଼ କିଛିନାହିଁ । ସେ କହିଲା, ସେ ଆଜି ଗୋଟିଏ ଗାଁରେ ପାଣି ସବୁ ଶୁଖାଇଦେଲା । ବଡ ରାକ୍ଷସ କହିଲା । ଏଥିରେ ଏ ବରଗଛ ଚେରକୁ କାଟିକରି ସେଇ ଅନ୍ଧ ଲୋକଙ୍କୁ ଲଗେଇଲେ ଆଖି ଦିଶିବ । ଦୁଇ ଭାଇ ଥିଲେ ତାଙ୍କ ହାତ ଗୋଡ କିଛି ନାହିଁ । ଯେଉଁଠି ପାଣି ଶୁଖିଛି ସେଇଠି ଚେରକୁ ପାଣିରେ ବୁଡାଇଲେ ପାଣି ଆପେ ଆପେ ଝରିଯିବ ।



ନିଚେ ତ ଛୋଟ ଭାଇ ସୋବ ଗୋଇଠ୍ ସୁନାତ୍ ରାହେ । ଭୂତମାନ୍ ଭାଇଗ୍ ଗୋଲାଏ । ବିହାନ୍ ହୋଲାକ୍ । ଛୋଟ ଭାଇ କେର ବୁଢୀ ହାର ଖୋଇଜ୍ ଖୋଇଜ୍ କେ ବାରଗାଛ୍ ନିଚେ ପାଲାକ୍ । ଉକାର ବୁଢୀ କେ ସୌବ ଗୋଇଠ୍ କାହାଲାକ୍ । ଉକାର୍ ବୁଢୀ ଗୋଇଠ୍ ସୁଇନକେ ଚେର୍ କେ ଘର୍ ଲେଗଲାକ୍ । ପିଶ୍ ପିଶ୍ କେ ପାନି ମେ ମିଶାଲାକେ ପିଆଲାକ । ଛୋଟ ଭାଇ କେର୍ ଗୋଡ ହାଁତ୍ ଆଉର ଆଇଁଖ୍ ସୌବ୍ ବାହାର୍ ଲାକ୍ । ଦେଖେକ୍ ପାର୍‌ଲାକ୍ । ହିଁଠେକ୍ ପାର୍‌ଲାକ୍ । ଜନ ଗାଁଅ ମେଁ ପାନି ନି ରାହେ ଉ ଗାଁଅ ଗେଲାକ ।

ସାନ ଭାଇ ସବୁ କଥା ଶୁଣିଲା । ତା ପରେ ଭୂତ ମାନେ ସେ ବରଗଛରୁ ପଳାଇଲେ ।ସକାଳ ହେଲା ସାନ ଭାଇର ସ୍ତ୍ରୀ ଖୋଜି ଖୋଜି ବରଗଛ ତଳେ ତାଙ୍କୁ ପାଇଲା । ସେ ଲୋକ ତାର ସ୍ତ୍ରୀକୁ ସବୁ କଥା କହିଲା । ତା ସ୍ତ୍ରୀ କଥା ଶୁଣି ବରଗଛର ଚେରକୁ ଘରକୁ ନେଲା । ଗୁଣ୍ଡକରି ପିଆଇଲା । ସାନ ଭାଇର ଗୋଡ଼ ହାତ, ଆଖି ସବୁ ବାହାରିଲା । ସେ ଚାଲି ପାରିଲା ଓ ଦେଖିପାରିଲା । ଯେଉଁ ଗାଁରେ ପାଣି ନଥିଲା ସେ ଗାଁକୁ ଗଲା ।



ଆଉର୍ କାହାଲାକ ମୋଏଁ ଗୋଟେ ଯାଦୁ କାରବୋ ହୋଲେରେ ମୋକେ କୁଛ ପାଇସା ଦେବା । ହେଲେ ମୋଏଁ ଶୁଖାଇ ଝାଜ୍ୟାମେ । ଝରନାକେ ଝାରାଏ ଦେବ । ଗାଓଁକେର ସବ୍ ଆଦ୍ମୀ ବାତ୍ ମାନ୍ଲାଏଁ । କହଲାଏଁ ଗାଁଅ କେର ଆଧା ଜାମିନ ବାରି ତୋକେ ଦେଓ୍ୱାବ । ଉବାର ଗଛ୍କେର ଚୈର୍କେ ବୁଡା ପାନି ମେ ଡୁବାଏ ଦେଲାକ୍ କି ପାନି ଝର୍ଝର୍ ହୋଇକେ ବହେକ ଲାଗ୍ଲାକ୍ । ଗାଁଅ କେର୍ ଆଦିମ୍ ମାନ୍ ଖୁସି ହଲାଏଁ । ଆଉର୍ ଛୋଟ୍ ଭାଇକେ ଆଧା ରାଇଜ୍ ଦେଇ ଦେଲାଏଁ । ଛୋଟ ଭାଇ ବାଡ ଭାଇ ସେ ଭି ବାଗ୍ରା ଧନୀ ହୋଇ ଗେଲାକ୍ । ବହୁତ ଖୁସି ସେ ଆପନ୍ ପରିଓ୍ୱାର ଲେଇକେ ଜୀବନ ବିତାଲାଏଁ ।

କହିଲା ମୁଁ ଗୋଟିଏ ଯାଦୁ କରିବି ତମେ କିଛି ଟଙ୍କା ଦେବ । ଏ ଝରଣାର ପାଣି ପୁଣି ଝରାଇବି । ଗାଁର ସମସ୍ତେ ରାଜି ହେଲେ । କହିଲେ ଅଧା ଜମି ବାଡି ତୁମକୁ ଦେଇଦେବୁ । ସେ ବରଗଛର ଚେରକୁ ପାଣିରେ ବୁଡାଇଲେ । ଝରଣା ପୂର୍ବ ପରି ପାଣି ଝରଝର ହୋଇ ବହିଲା । ଗାଁର ଲୋକମାନେ ଖୁସି ହୋଇ ତାକୁ ଅଧା ରାଜ୍ୟ ଦେଇଦେଲେ । ସାନ ଭାଇ ବଡଭାଇ ଠାରୁ ଅଧିକ ଧନୀ ହୋଇ ଖୁସିରେ ଜୀବନ କଟାଇଲେ ।



# ବାଗ୍ରା ଲୋଭ କାରଲେ ଜିଉ ଜାଏଲ୍
# (ଅତି ଲୋଭକଲେ ଜୀବନ ଯାଏ)

ଛାଓ୍ବାମାନ୍ ସୌବ ଆଦ୍ମି କେର୍ କୁଛନା କୁଛ୍ ଲୋଭ ଆହେ । ଲେକିନ୍ ବାଗ୍ରା ଲୋଭ୍ କାର୍ଲେ ବାଡା ମୁସ୍କିଲ୍ ମେ ଆଦ୍ମି ଗିର୍ ଯାଏଲ୍ । ବାଗ୍ରା ଲୋଭ୍ କାଇର୍କେ ବେର୍ରା ଚାଷିକେର୍ କା ହାଲ୍ ହୋଲାକ୍ ଉକେ ସୁନା । ଏକ୍ ଚାଷୀ କେର୍ ଗୋଟେକ୍ ଉଚାନିଚା ଜାମିନ୍ ରାହେ । ଉ ଜାମିନ୍ ମେ ଏକେଠୁ ଭି ବେସ୍ ଚାଷ ନି ହୋଆତ୍ ରାହେ । ଏକ୍ ଦିନ୍ ଓହେ ଚାଷି ଭାଇ କୋଡି ଗାଇଁତା ଧାଇର୍ କେ ଉଚା ନିଚା ଜାଗାକେ କୋଇଡ୍ କେ ସାମାନ କାଇର୍ ଦେଲାକ ।

ପିଲାମାନେ, ସବୁ ମଣିଷର କିଛି ନା କିଛି ଲୋଭ ଅଛି । କିନ୍ତୁ ଅତି ଲୋଭର ଫଳ ବଡ ଭୟଙ୍କର । ଅତି ଲୋଭରୁ ବିଚରା କୃଷକଟିର କଣ ହେଲା ଶୁଣ । ଜଣେ କୃଷକର ଗୋଟିଏ ଉଚ୍ଚ ଖାଲ ଜମି ଥିଲା । ସେଥିରେ ମୋଟେ ଭଲ ଫସଲ ହେଉ ନ ଥିଲା । ଦିନେ କୃଷକ କୋଦାଳଟିଏ ଧରି ଉଚ୍ଚ ଜାଗା ସବୁ ତାଡି ସମାନ କରିବାକୁ ଲାଗିଲା ।



ଓ ହେ ଜାମିନ କେର୍ ଆଇର୍ କେର୍ କିନାରେ ମେ ଗୋଟେକ୍ ଭୁଡ୍ଡୁଁ ରାହେ । ଚାଷୀ ଓହେ ଭୁଡ୍ଡୁଁ କେ କୋଡାତ୍ ରାହେ  ବେରା ଖୁବ୍ଦୁବ୍ଲା ପାତ୍ଲା ସାଁପ ଭୁଁଡ୍ଡୁଁ ଭିତରେ ଲେ ନିକିଲ୍ଲାକ । ସାଁପ କେର୍ ଉ ହାଲ୍କେ ଦେଇଖ୍ କେ ଚାଷୀ କେର ମାନ୍ ମେ ଦାୟା ଆଲାକ୍ । ଉ ଚାଷୀ ଭାଇ ତୁରାନ୍ତ ଘାର୍ ଜାଏକେ ଗୋଟେକ୍ ଗିନା ମେ ଦୁଧ ଆଇନ୍ କେ ଭୁଁଡ୍ଡୁଁ କେ ଶାମନେ ରାଇଖ ଦେଲାକ୍ । ଓ ହେ ବେରା ସାନ୍ଜି ହୋଏକ୍ ଜାତ୍ ରାହେ । ଚାଷୀ ଭାଇ କାମ ବାନ୍ଦ କାଇର୍ କେ ଘାର୍ ଗେଲାକ୍ ।

ହିଡ ମୁଣ୍ଡରେ ଗୋଟିଏ ହୁଙ୍କା ଥିଲା । କୃଷକଟି ସେଇ ହୁଙ୍କାକୁ ତାଡିଦେବାରୁ ତା ଭିତରୁ ଅତି  ଦୁର୍ବଳ ସାପଟିଏ ବାହାରି ଗାତ ଭିତରକୁ ଗଲା । ସାପର ଅବସ୍ଥା ଦେଖି କୃଷକ ମନରେ ଦୟା ଆସିଲା । ସେ ଘରକୁ ଯାଇ ଗୋଟିଏ ଗିନାରେ କିଛି କ୍ଷୀର ଆଣି ଗାତ ମୁହଁରେ ରଖିଦେଲା । ସେତେବେଳକୁ ସନ୍ଧ୍ୟା ହୋଇ ଆସିଲାଣି । କୃଷକ ଘରକୁ ଗଲା ।



ଚାଷୀ ଭାଇ ଉକାର ଦସ୍‌ରା ଦିନ ବିହାନେ ଉଇଠ୍ କେ ଦେଖେକ୍ ଗେଲାକ୍। ଉ ଗିନାମେ ଦୁଧ୍ ନାଖେ, ଆଉର୍ ଦେଖ୍ ଲାକ୍ ଯେ ଦୁଧ୍ କେର୍ ବାଦ୍‌ଲ। ମେ ସୋନାକେର୍ ଏକ୍‌ଠୁ ମୋହର୍ ରାଖାଲ୍ ଆହେ। ଚାଷୀ ଭାଇ ଉକେ ଦେଇଖ୍ କେ ବାହୁତ୍ ଖୁସି ହୋଇ କେ ସୋନାକେର୍ ରୁପିଆ କେ ଆଇର୍‌କେ ଘାର ଗେଲାକ୍। ଆଉର୍ ଠିକ୍ ଅହେ ଦିନ୍ ସାଞ୍ଝବେରା ଆଉର୍ ଏକ୍ ଡୁବନି ଦୁଧ୍ ଲେଇଜ୍ କେ ଗେଲାକ୍। ଉକାର ଦସରା ଦିନ ଯାଏକେ ଦେଖ୍‌ଲାକ୍ ଯୋ ଆଗେ ଦିନ ଯୌସେନ୍ ଗିନା ମେ ଦୁଧ୍ ବାଦ୍‌ଲା ସୋନା କେର୍ ମୋହର ଗୋଟେକ୍ ଆହେଁ। ଚାଷୀ ଉକେ ଦେଇଖ୍ କେ ଯାଦା ଖୁସ୍ ହୋଇ ଗେଲାକ୍। ଆଉର୍ ଅହେ ଦିନ୍ ଠିନ୍‌ଲେ ଚାଷୀ ଭାଇ ସାପ କେର୍ ସେଓ୍ୱା କାରେକ୍ ଲାଗ୍‌ଲାକ୍। ଚାଷୀ ସୋନା କେର୍ ମୋହର ପାଏକେ ଆପାନ ଦୁଃଖ ଦୂର କାଇର ଦେଲାକ୍।

ପରଦିନ ସକାଳୁ ପୁଣି କାମକୁ ଆସି ଦେଖେତ ଗିନାରେ କ୍ଷୀର ନାହିଁ କିନ୍ତୁ ଗୋଟିଏ ସୁନା ମୋହର ରଖାଯାଇଛି। କୃଷକଟି ଆନନ୍ଦରେ ସେ ମୋହରଟିକୁ ଘରକୁ ନେଲା। ଠିକ୍ ସେଦିନ ସନ୍ଧ୍ୟାରେ ମଧ ଆଉ ଗିନାଏ କ୍ଷୀର ରଖିଦେଲା। ପରଦିନ ଦେଖାଗଲା ପୂର୍ବଦିନ ପରି ଗିନାରେ କ୍ଷୀର ବଦଳରେ ମୋହରଟି ଅଛି। କୃଷକଟି ଖୁସି ହୋଇଗଲା। ସେ ସବୁଦିନେ ସାପର ସେବା କରିବାକୁ ଲାଗିଲା। ସୁନା ମୋହର ପାଇ ତାର ଦୁଃଖ ଦୂର ହୋଇଗଲା।



ଏକ ଦିନ୍ ଚାଷୀ ଭାଇ ଉକାର ଜାଇତ କୁଟୁମ୍ବ ଘାର୍ ଯାଏକ୍ ପାଡ୍‌ଲାକ୍ ବେରା ଆପାନ୍ ପାଡୋଶୀ ଏକ ଚାଷୀ ଭାଇକେ ସାଁପ କେ ବାରେ ମେ ବୁଝାଏ କେ କାହାଲକ୍ । ଉକାର ଦୋଷରା ଦିନ୍ ଇ ଚାହୀ ଭାଇ କେର କାହାଲ୍ ଅନୁସାର୍ ଦୁଧ ପିଆଲାକ୍ ଆଉର ଅହେ ଚାଷୀ ହୁଁ ଆଗେ ନିଆର୍ ସୋନା କେରେ ମୋହର ପାଲାକ୍ । ଉ ଉକାର ଜିନ୍ଦ୍‌ଗି ମେ ସୋନାକେର୍ ମୋହର ନି ଦେଇଖ୍ ରାହେ । ସୋନା ଦେଇଖ୍ କେ ଚାଷୀ କେର୍ ଲୋଭ ହୋଇ ଗେଲାକ୍ । ଲୋଭୀ ଚାଷୀ ଗ ସୋଚ୍‌ଲାକ୍ କି ସାଁପ୍ ସୌବ୍ ଦିନ୍ ସୋନା କେର୍ ମୋହର କାହାଁସେ ଆନେଲ୍ । ନିଶ୍ଚୟ ଓ ହେ ଢୋଡାହା ମେ ସୋନା କେର୍ ଖାଦ୍ଦାନ୍ ଆହେ । ଉକାର ମେ ଉକେ ସାଇତାନି ଲାଲାଚ୍ ମେ ଗିର୍ ଯାଏକେ ସାଁପ୍‌କେ ମାରେକ୍ ଲାଗିନ୍ ତାୟାର ହୋଇ ଗେଲାକ୍ ।

ଦିନେ କୃଷକଟିକୁ ଗୋଟିଏ ବନ୍ଧୁଘର ଯିବାକୁ ପଡିଲା । ସେ ତାର ପାଖ ପଡିଶାର ଅନ୍ୟ ଜଣେ କୃଷକକୁ ସବୁ ବିଷୟ ବୁଝାଇ ସାପକୁ କ୍ଷୀର ଦେବାକୁ  କହିଗଲା । ପଡୋଶୀ କୃଷକ ପ୍ରଥମ ଦିନ ତାର ବନ୍ଧୁ କହିବା ଅନୁସାରେ ସାପକୁ କ୍ଷୀର ଦେଇ ମୋହରଟି ପାଇଲା । ସେ ତା ଜୀବନରେ ସୁନା ମୋହର ଦେଖି ନଥିଲା । ସାପ ସବୁଦିନେ ସୁନା ମୋହର କେଉଁଠୁ ଆଣୁଚି । ନିଶ୍ଚିତ ତା ଗାତ ପାଖରେ ଗୋଟିଏ ସୁନା ଖଣି ଅଛି । ଆସନ୍ତାକାଲି ତ ଜମିବାଲା କୃଷକ ବନ୍ଧୁ ଘରକୁ ଫେରି ଆସିବ । ଏଣିକି ସାପ ଯାହା ସୁନା ମୋହର ଦେବ ସେ ସବୁ ନେବ । ନା ନା ଯେମିତି ହେଲେ ସାପ ପାଖରେ ଥିବା ମୋହର ତକ ଆୟତ୍ତ କରିବାକୁ ହେବ । ସୁନା ମୋହରର ଲୋଭ ତାର ମୁଣ୍ଡକୁ ବିଗାଡି ଦେଇଥିଲା । ତାର ହିତାହିତ ଜ୍ଞାନ ଲୋପ ପାଇ ଯାଇଥାଏ ।



ଲୋଭିଚାଷୀ ସୋଚ୍‌ଲାକ୍ ସାପ୍‌କେ ମାଇର୍ ଦେଲେ ମଏଂ ରାତାରାତି ସୌବ ସୋନା କେର୍ ମାଲିକ୍ ବାଇନ୍ ଜାଁବାଁ । ଜାବ୍ ରାଇତ୍ ହୋଲାକ୍ ଗିନାମେ ଦୁଧ୍ ଆଉର୍ ଏକ ଲାଠି ଧାଇରକେ କ୍ଷେତ୍ କେର୍ କିନାରେ ମେ ଲୁଇକ୍ ରାହେ । ଯାବ୍ ଶୁନ୍‌ଶାନ ହୋଲାକ୍ ବେରା ସାଁପ୍ ଗ ଦୁଧ୍ ପିଏକ୍ ହୁଁଡୁଁ ସେ ନିକଲ୍ ଲାକ୍ । ଓହେ ବେରା ଲୋଭି ଚାଷୀ ମାଇର୍ ଦେବଁ କାହିକେ ଲାଠି ଉଠାଲାକ୍ ଲେକିନ୍ ସାଁପକେ ମାରେକ୍ ନି ପାରଲାକ୍ ଆଉର ଓ ହେ ସାଁପଗ ଲୋଭି ଚାଷୀକେ ଚାଇବ୍ ଦେଲାକ୍ ଆଉର ହୁଁଡୁଁ ମେ ଢୁଇକ୍ ଦେଲାକ୍ । ସାପକେ୍ ଜାହାରିଲା ବିଷ୍ ମେ ଲୋଭୀ ଚାଷୀ ମଇର୍ ଗେଲାକ୍ । ତ ଇ ଜାନାମ୍ ମେ ହାମ୍ଭରେ ବାଗ୍‌ରା । ଲୋଭ କାରଲେ ଏ ହେ ଲୋଭି ଚାଷୀ ଲେଖେକ୍ ହୋଏକ୍ ଲାଗି ।

କୃଷକ ଚିନ୍ତା କଲା, ସାପଟିକୁ ମାରିଦେଲେ, ତା ଗାତ ଭିତରୁ ରାତିକ ଭିତରେ ସବୁତକ ସୁନା ମୋହର ମୁଁ ନେଇଯିବି ଯାହା ଫଳରେ ଜମି ମାଲିକ ଫେରିଲେ ଆଉ ଦୁଃଖ ନ ଥିବ ।  ଏହା ଭାବି ସନ୍ଧ୍ୟାରେ ସାପ ପାଇଁ କ୍ଷୀର ଗିନାଟି ରଖି କୃଷକ ପାଖରେ ଠେଙ୍ଗା ଧରି ଜଗି ବସିଲା । ଅନ୍ଧାର ହେବାରୁ ସାପ ଗାତରୁ ବାହାରି କ୍ଷୀର ପିଇବାକୁ ଆସିଲା । ଏଇ ସମୟରେ ଦୂରରେ ଛକି ବସିଥିବା କୃଷକ କ୍ଷୀର ପିଉଥିବା ସାପକୁ ଠେଙ୍ଗା ଉଠାଇ ମାରିବାକୁ ଆସିଲା କିନ୍ତୁ ସାପଟି ଚଟ୍ କରି ବୁଲି ପଡି କୃଷକକୁ ଚୋଟଟିଏ ବସାଇ ଦେଇ ଗାତ ଭିତରକୁ ପଶିଗଲା । ସାପର ବିଷ ଜ୍ୱାଳାରେ ଲୋଭୀ କୃଷକଟି ଛଟପଟ ହୋଇ ସେଇଠି ଟଳିପଡିଲା । ଅତଃ ଜୀବନରେ ଆମ୍ଭେ ବେଶି ଲୋଭ କରିଲେ ଚାଷୀ ଭଳି ଭୋଗିବାକୁ ପଡ଼ିବ ।



# ହଲି ପରବ
# (ହୋଲି ପର୍ବ)

ସତ୍ ଯୁଗ୍ କର୍ ଏକ୍ ଘଟ୍ନା । ହିରଣ୍ୟ କଶ୍ୟପ୍ ନାମ୍ କେର୍ ଏକ୍ ରାକ୍ଷସ୍ ରାଜା ରହେ । ଉ ରାଜା ବହୁଁତ୍ ଶକ୍ତିଶାଳୀ ଆଉର୍ ନିର୍ଦ୍ଦାୟୀ ରାହେ । ଉକାର୍ ଶକ୍ତି ସେ ଦେଁଅତା ମନ୍ ଭି ଡାରାତ୍ ରାହାଏଁ । ମୁନି ଋଷି ମନ୍‌କେ ବହୁଁତ୍ ସାତାତ୍ ରହେ ।

ଏକ ସମୟକର୍ ବାତ୍ । ଉକାର୍ ଏକ୍ ବେଟା ହଲାକ୍ । ଉକାର୍ ନାମ୍ 'ପ୍ରହ୍ଲାଦ୍' ରାଖିଲଏଁ । ହିରଣ୍ୟ କଶ୍ୟପ୍ ସଭବ୍‌କେ ଧାମ୍‌କାଏ ଚାମ୍‌କାଏ କେ କହତ୍ ରାହେକି ସଭବ୍ ମୋର୍ ନାମ୍‌କେ ଜପ୍‌କରା । ହରି କର୍ ନାମ୍ ନହିଁ । ଡର୍‌କର୍ ଚଲ୍‌ତେ ସଭେମନ୍ ରାଜା ହିରଣ୍ୟ କଶ୍ୟପ୍ କର୍ ନାମ୍ ଜପ୍ କରେକ୍ ଲାଗ୍‌ଲଏଁ ।

ସତ୍ୟ ଯୁଗର ଏକ ଘଟଣା । ହିରଣ୍ୟ କଶ୍ୟପ୍ ନାମରେ ଜଣେ ରାଜା ଥିଲେ । ସେହି ରାଜା ବହୁତ ଶକ୍ତିଶାଳୀ ଏବଂ ନିର୍ଦ୍ଦୟୀ ଥିଲେ । ତାଙ୍କର ଶକ୍ତିପାଇଁ ଦେବତାମାନେ ମଧ୍ୟ ଡ଼ରୁଥିଲେ । ମୁନି ଋଷିମାନଙ୍କୁ ବହୁତ ଯନ୍ତ୍ରଣା ଦେଉଥିଲା ।

ଦିନକର କଥା । ତାଙ୍କର ଗୋଟେ ପୁଅଟିଏ ଜନ୍ମହେଲା । ତାର ନାମ ପ୍ରହ୍ଲାଦ । ହିରଣ୍ୟ କଶ୍ୟପ୍ ସମସ୍ତଙ୍କୁ ଧମକ ଚମକ ଦେଇ କହୁଥିଲେ ସମସ୍ତେ ମୋର ନାମ ଜପ କର । ହରିଙ୍କର ନାମ ଜପ କର ନାହିଁ । ଡ଼ରି କରି ସମସ୍ତେ ରାଜା ହିରଣ୍ୟ କଶ୍ୟପଙ୍କର ନାମ ଜପ କରିବାରେ ଲାଗିଲେ ।



ଲେକିନ୍ ଆପନ୍ ବେଟା ପ୍ରହ୍ଲାଦ ହରିକର୍ ନାମ୍ ଜପ୍ କରେକ୍ ଲାଗ୍‌ଲାଏକ୍ । ସେ ଲାଗିନ୍ ରାଜା ପ୍ରହ୍ଲାଦକେ ବହୁତ୍ ଖସାଲାକ୍ । ଅଉର୍ କହଲକ୍ ଯେ , ତଏଁ ମୋର ନାମ୍ ଜପ୍‌କର୍ , ହରିକର୍ ନାମ୍ ନହିଁ । ଫିର୍‌ଭି ପ୍ରହ୍ଲାଦ୍ ଆପନ୍ ଜିଦ୍ ମେ ରାଇକେ ହରିକର୍ ନାମ୍ ଜପ୍ କର୍‌ଲକ୍ । ଏକ୍ ଦିନ୍ ରାଜା ଖସାଏକେ ଆପନ୍ ବେଟା ପ୍ରହ୍ଲାଦ୍‌କେ ସିପାହି ମନ୍‌କର୍ ହାଁଥମେ ଦେଇ ଦେଲାକ୍ । ଆଉର୍ କହଲକ୍ ଯେ ପ୍ରହ୍ଲାଦ କେ ଜଇସନ୍‌ଭି ହଲେ ମାଇର୍ ଦେଓ୍ୱା । ସିପାହି ମନ୍ ପ୍ରହ୍ଲାଦ୍ କେ ପାହାଡ ଉପର୍‌ସେ ଫେଇକ୍ ଦେଲାଏଁ , ହଲେ ପ୍ରହ୍ଲାଦ୍ ବାଇଁଚ୍ ଗେଲାକ୍ ।

କିନ୍ତୁ ନିଜର ପୁତ୍ର ପ୍ରହ୍ଲାଦ ହରିଙ୍କର ନାମ ଜପ କରିବାକୁ ଲାଗିଲେ । ସେଥିପାଇଁ ରାଜା ପ୍ରହ୍ଲାଦକୁ ଭୟଙ୍କର ରାଗିକରି କହିଲେ ତୁମେ ମୋର ନାମ ଜପ କର, ହରିଙ୍କର ନାମ ନାହିଁ । ହେଲେ ମଧ୍ୟ ପ୍ରହ୍ଲାଦ ନିଜ ଜିଦିରେ ରହି ହରିଙ୍କର ନାମ ଜପ କଲେ । ଦିନେ ରାଜା ରାଗିଯାଇ ନିଜ ପୁତ୍ର ପ୍ରହ୍ଲାଦକୁ ସୈନ୍ୟସାମନ୍ତଙ୍କ ହାତରେ ଦେଇଦେଲେ ଏବଂ କହିଲେ ଯେ ପ୍ରହ୍ଲାଦକୁ ଯେମିତି ହେଲେ ମାରିଦିଅ । ସୈନ୍ୟସାମନ୍ତ ପ୍ରହ୍ଲାଦକୁ ପାହାଡ଼ ଉପରକୁ ନେଇ ଫିଙ୍ଗିଦେଲେ, ହେଲେ ପ୍ରହ୍ଲାଦ ବଞ୍ଚିଗଲେ ।



ଫିର୍ ପ୍ରହ୍ଲାଦ୍ କର୍ ଉପ୍ର ହାଁଥିକେ ଚାଲାଲାଏଁ, ହଲେ ଭି ପ୍ରହ୍ଲାଦ୍‌କାର୍ କନ ନି ହଲକ୍ । ଉକର୍ ବାଦ୍ ସିପାହି ମାନ୍ ପ୍ରହ୍ଲାଦ୍‌କେ ଲେଇକେ ସମୁନ୍ଦରମେ ଫେଁକ୍‌ଲାଏ । ଫିର୍‌ଭି ପ୍ରହ୍ଲାଦ୍ ବାଇଁଚ୍ ଗେଲାକ୍ । ତାବ୍ ରାଜା ହିରଣ୍ୟ କଷ୍ୟପ୍ ଆପାନ୍ ବାହିନ ହୋଲିକାକେ କହଲକ୍ ଯେ , ତକେତ ବର୍‌ଦାନ୍ ମିଲହେ ଯେ ଆଇଗ୍ ମେ ପଡାଲେ ଭି ତଏଁ ନି ପଡ୍‌ବେ । ଉକାର୍ ଚଲ୍‌ତେ ତକେ ମଏଁ ଆଦେଶ ଦେଅଁ ଯେ ତଏଁ ପ୍ରହ୍ଲାଦ୍ କେ କରାମେ ବଇଠାକାର୍ ରାଖ୍‌ବେ ଆଉର୍ ହାମ୍‌ରେ ତହାର୍ ଉପ୍‌ରେ ଆଇଗ୍ ଜାଲାଏ ଦେଓ୍ୱାବା ହୋଲିକା ରାଜି ହୋଲାକ୍ ।

ପୁଣି ପ୍ରହ୍ଲାଦ ଉପରେ ହାତୀକୁ ଚଲାଇଲେ । ହେଲେ ମଧ୍ୟ ପ୍ରହ୍ଲାଦର କିଛି ହେଲା ନାହିଁ । ତା ପରେ ସୈନ୍ୟମାନେ ପ୍ରହ୍ଲାଦକୁ ନେଇ ସମୁଦ୍ରରେ ଫିଙ୍ଗିଦେଲେ ତଥାପି ପ୍ରହ୍ଲାଦ ବଞ୍ଚିଗଲେ । ତେଣୁ ରାଜା ହିରଣ୍ୟ କଶ୍ୟପ ନିଜ ଭଉଣୀ ହୋଲିକାକୁ କହିଲେ ଯେ , ତୁମକୁତ ବରଦାନ ମିଳିଛି କି ନିଆଁରେ ପୋଡ଼ିଦେଲେ ମଧ୍ୟ ତୁମେ ପୋଡ଼ିବ ନାହିଁ । ସେଥିପାଇଁ ତୁମକୁ ଆଦେଶ ଦେଉଛି କି ତୁମେ ପ୍ରହ୍ଲାଦକୁ ନିଜ କୋଳରେ ବସାଇ ରଖିବ ଆଉ ଆମ୍ଭେମାନେ ତୁମର ଉପରେ ନିଆଁ ଜଳାଇ ଦେବୁ । ଭଉଣୀ ହୋଲିକା ରାଜି ହୋଇଗଲା ।



ତାବ୍ ରାଜା କାଠିକେର୍ ଚିତା ବନ୍ୱାଲାକ୍ । ଆଉର୍ ଚିତା ଉପ୍‌ରେ ହୋଲିକା । ପ୍ରହ୍ଲାଦ୍‌କେ କରାମେ ଲେଇକେ ବଇଠ୍‌ଲକ୍ । ଉକର୍ ବାଦ୍ ଚିତାମେ ଆଇଗ୍ ଲାଗାଏ ଦେଲାଏଁ । ଆଖିର୍‌ମେଁ ଦେଖିଲଏଁ ଯେ, ହୋଲିକା ଜାଇଲ୍ ଗେଲାକ୍ ଆଉର୍ ପ୍ରହ୍ଲାଦ୍ ଚିତା ସେ ଜିନ୍ଦା ନିକାଇଲ୍ ଆଲାକ୍ । ଆହେ ଘଟ୍‌ନାକେ ଇଆଦ୍ କାରେକ୍‌ଲେ ଆଇଜ୍‌ଭି ହିନ୍ଦୁ ଆଦ୍‌ମି ମନ୍ ଭାଗ୍‌ୱାନ୍‌କେ ବିଶ୍ୱାସ୍ କଇର୍‌କେ ହୋଲି ଜାଲାଏନ ଆଉର ରୋଟି ପିଠା ଖାଏକେ ହୋଲି ପରବକେ ଧୁମ୍‌ଧାମ୍‌ସେ ମାନାଏନ୍ ।

ତେଣୁ ରାଜା କାଠର ଚିତା ତିଆରି କରାଇଲେ ଏବଂ ଚିତା ଉପରେ ହୋଲିକା ପ୍ରହ୍ଲାଦକୁ କୋଳରେ ନେଇ ବସି ରହିଲେ । ତା ପରେ ଚିତାରେ ନିଆଁ ଲଗାଇ ଦେଲେ । ଶେଷରେ ଦେଖିଲେ ଯେ, ହୋଲିକା ଜଳି ପୋଡ଼ିଗଲା ଏବଂ ପ୍ରହ୍ଲାଦ ଚିତାରୁ ଜୀବନ୍ତ ବାହାରି ଆସିଲା । ସେହି ଘଟଣାକୁ ମନେ କରିବା ପାଇଁ ଆଜି ମଧ୍ୟ ହିନ୍ଦୁମାନେ ଭଗବାନଙ୍କୁ ବିଶ୍ୱାସ କରି ହୋଲି ରଙ୍ଗ ଦେଇ ଧୁମଧାମ୍‌ରେ ପିଠାପଣା କରି ହୋଲି ପର୍ବ ପାଳନ କରନ୍ତି ।



# ସୃଷ୍ଟି କେର୍ ରାଚ୍ନା
## (ସୃଷ୍ଟି ରଚନା)

ସୃଷ୍ଟିକେର୍ ସୁରୁ ମେ ପାରମେଶ୍ୱାର୍ ଆସ୍ମାନ ଆଉର୍ ଧାରତୀ କର୍ ସୃଷ୍ଟି କାର୍ଲାକ୍ । ଧାରତୀ ବେଜୋଲ୍ ଆଉର୍ ସୁନସାନ୍ ରାହେ । ଗାହେରା ପାନି କେର୍ ଉପରେ ଆନ୍ଧାର୍ ରହେ । ଆନ୍ଧାର ପାନିକେର୍ ଉପରେ ପାରମେଶ୍ୱାର କେର୍ ଆତ୍ମା ମାଣ୍ଡରାତ୍ ରାହେ । ଜେଖାନ୍ ପାରମେଶ୍ୱାର କାହାଲାକ୍ ଇଞ୍ଜୀତ୍ ହୋଇଯା ତୋ ଇଞ୍ଜୀତ ହୋଲାକ୍ । ଇଞ୍ଜୀତ୍ ଗୋ ଆନ୍ଧାରସେ ବେଶ୍ ଦିଶ୍ଲାକ୍ । ସେ କାରଲେ ଆନ୍ଧାର ଆଉର୍ ଇଞ୍ଜୀତ୍ କେ ଏକ୍ ଦୁସରେ ସେ ଆଲାଗ୍ କାର୍ଲାକ୍ । ଉଦିନ୍ ସେ ବିହାନ୍ ଆଉର୍ ସାଞ୍ଝ୍ ହୋଲାକ୍ । ଏହେ ତାଇର୍ ସୁରୁ ଦିନ୍ ସିରାଏ ଗେଲାକ୍ ।

ସୃଷ୍ଟି ଆରମ୍ଭରୁ ଭଗବାନ ଆକାଶ ଆଉ ପୃଥିବୀ ସୃଷ୍ଟି କରିଲେ । ପୃଥିବୀ ଖାଲି ଆଉ ସୁନ୍ସାନ୍ ଥିଲା । ଗଭୀର ପାଣି ଉପରେ ଅନ୍ଧାର ମାଡି ରହିଥିଲା । ସେହି ଅନ୍ଧାର ପାଣି ଉପରେ ଭଗବାନଙ୍କ ଆତ୍ମା ବୁଲୁଥିଲା । ଯେତେବେଳେ ଭଗବାନ କହିଲେ ଆଲୋକ ହୋଇଯା ତେବେ ଆଲୋକ ହୋଇଗଲା । ତେବେ ସେ ଦେଖିଲେ ଆଲୋକ ସୁନ୍ଦର ଦେଖାଯାଉଛି, ତେଣୁ ଆଲୋକକୁ ଅନ୍ଧାରରୁ ଅଲଗା କଲେ । ସେହିଦିନଠାରୁ ସକାଳ ଆଉ ରାତି ହେଲା । ଏହିପରି ପ୍ରଥମଦିନ ସରିଗଲା ।





ଦୁସରେ ଦିନ୍ ପାରମେଶ୍ୱାର ପାନିକେ ଦୁଇଭାଗ କାରଲାକ ଆଉର୍ ଏକଭାଗ କେ ଆସ୍ମାନ କାହଲାକ୍। ଏସନେ ମେ ଦୁସରାଦିନ ସିରାଏ ଗେଲାକ୍। ତିସରା ଦିନ ପାନିକେର୍ ଆଉର୍ ଏକ୍ ଭାଗକେ ଏକ ଜାଗା ରାଇଖ୍ କେ କାହଲାକ୍ ସୁଖା ଭୂମି ଦିଶେକ୍ ତୋ ଶୁଖା ଭୂଇଁ ଦିଶଲାକ୍ ଉକେ ଧାରତୀ କାହାଲାକ୍ ଆଉର୍ ଜନ୍ ପାନିକେ ଜମା କାଇର୍ ରାହେ ଉକେ ସାମୁଦାର କାହଲାକ୍ ଆଉର ପାରମେଶ୍ୱର କାହାଲାକ୍ ଧାରତୀ ମେ ହାରା ଘାଁଆସ, ମାଞ୍ଜିବାଲା ଛୋଟକା ଛୋଟକା ଗାଛ୍, ଫଲଦେଓ୍ୱେକ ବାଲା ଗାଛ୍ ଯେକାର ଆପାନ୍ ଜାତିକେର୍ ମାଞ୍ଜି

ଦ୍ୱିତୀୟ ଦିନ ଭଗବାନ ପାଣିକୁ ଦୁଇଭାଗ କଲେ, ସେଥିରୁ ଗୋଟିଏ ଭାଗକୁ ଆକାଶ କହିଲେ ଏହିପରି କରି ଦ୍ୱିତୀୟ ଦିନ ସରିଗଲା। ତୃତୀୟ ଦିନ ପାଣିର ଆଉ ଏକ ଭାଗକୁ ଗୋଟିଏ ଜାଗାରେ ରଖି କହିଲେ ସ୍ଥଳଭୂମି ଦେଖାଯାଉ ତେବେ ସ୍ଥଳଭୂମି ଦେଖାଗଲା। ଏହି ସ୍ଥଳଭୂମିକୁ ସେ ପୃଥିବୀ କହିଲେ ଆଉ ଯୋଉ ପାଣିକୁ ରଖିଥିଲେ ତାକୁ ସମୁଦ୍ର ନାମ ଦେଲେ। ଆଉ ଭଗବାନ କହିଲେ ପୃଥିବୀରେ ସବୁଜ ଘାସ, ମଞ୍ଜିବାଲା ଛୋଟ ଛୋଟ ଗଛ, ନିଜ ନିଜ ଜାତୀୟ





ଆଲାଗ୍ ଆଲାଗ୍ ଆଉର୍ ମାଞ୍ଜିକେର୍ ଆନୁସାର୍ଫାଲ ଦେଓ୍ବେକ୍ କାହଲାକ୍ ଆଉର୍ ଉ ସୋବ୍ ପୁରାହୋଲାକ୍  ଏସେନ୍‌ହେ ତିସରା ଦିନ ଭି ସିରାଏ ଗେଲାକ୍ । ଫିର୍ ଚଉଥା ଦିନ୍ ଦିନ୍‌କେ ରାଇତ ସେ ଆଲାଗ୍ କାର୍‌ଲାକ୍ ଆଉର୍ ଆସ୍‌ମାନ୍ ମେ ବିନକୋ ମାନକେ ଲାଗାଲାକ୍ ଯୋ ରାତିମେ ଧାରତୀ କେ ଇଞ୍ଜୋତ୍ ଦିସି । ଫିର୍ ପରମେଶ୍ୱର ଦୁଇଠୋ ଜୋତି ବାନାଲାକ୍ ଆଉର୍ ବାଜ୍‌କା ଜୋତି କେ ଦିନ ମେ ଆଉର ଛୋଟକା ଜୋତିକେ ରାଇତ୍ ମେ ରାଜ୍ କାରେକେ ଦେଲାକ୍ ଓସନେ ଚଉଥା ଦିନ ସିରାଏ ଗେଲାକ୍ ।

ଅଲଗା ଅଲଗା ମଞ୍ଜିଥିବା ଫଳଗଛ ବନିଯାଉ କହିବାରୁ ତାହା ହୋଇଗଲା । ଏହିପରି ତୃତୀୟ ଦିନ ସରିଗଲା । ଚତୁର୍ଥ ଦିନ ସକାଳକୁ ରାତିରୁ ଅଲଗା କଲେ ଆଉ ରାତିରେ ଆକାଶରେ ତାରା ଜହ୍ନ ସବୁ ଖଞ୍ଜିଲେ କାରଣ ତାହା ପୃଥିବୀକୁ ଆଲୋକ ଦେବ ରାତିରେ ।  ଭଗବାନ ଦୁଇଟି ଆଲୋକ ତିଆରି କଲେ, ବଡ ଆଲୋକଟିକୁ ଦିନରେ ଆଉ ଛୋଟ ଆଲୋକଟିକୁ ରାତିରେ ରାଜତ୍ୱ କରିବାକୁ କହିଲେ । ସେହିପରି ଭାବରେ ଚତୁର୍ଥ ଦିନ ସରିଗଲା ।

ଫିର ପାଞ୍ଚଓ୍ୱାଦିନ୍ ପାରମେଶ୍ୱର କାହାଲାକ୍ ପାନି ବାଚାଲ ଜାନ୍ ରାହେକ୍ ମାନକେ ଭାଇର୍ ଯାଅକ୍ ଆଉର ଧାରତୀ ମେ ଚାରାଇ ଆସ୍‌ମାନ୍ ମେ ଉଡି ଆଉର୍ ପାନି ମେ ରାହେକ୍ ବାଲା ଜାନ୍ କେ ଆଉର୍ ଜାଇତ ଜାଇତ କେର୍ ଚାରାଇ ବାନାଲାକ୍ ଆଉର୍ ଆଶିଷ୍ ଦେଲାକ୍ ଫୁଲାଫାଲା ଆଉର୍ ଧାରତୀ ମେ ଭାଇର୍ ଯାଓ୍ୱା । ଆଉର୍ ପାଞ୍ଚଓ୍ୱା ଦିନ୍‌ଭି ସିରାଏ ଗେଲାକ୍। ଆଉର୍ ଛାଟ୍‌ଓ୍ୱା ଦିନ ମେ ପାର୍‌ମେଶ୍ୱାର୍ କାହାଲାକ୍ ଜାଇତ ଜାଇତକେର୍ ପ୍ରାଣୀମାନ୍ ଘାର୍‌ମେ ରାହେକ୍‌ବାଲା ପାଶୁ, ରେଙ୍ଗେକ୍ ବାଲା ଜାନ୍ତୁ, ଜାଙ୍ଗାଲ ମେ ରାହେକ ବାଲା ପାଶୁ, ଜାଇତ ଜାଇତ କେର୍ ଆନୁସାର୍ ଜାନେମ୍ ଲାଏଁ ।

ପୁଣି ପଞ୍ଚମ ଦିନ ପାଣିରେ ବଞ୍ଚିଥିବା ପ୍ରାଣୀ ଭରିଯାନ୍ତୁ, ନାନା ପ୍ରକାରର ଜଳଚର ପ୍ରାଣୀ ଜଳରେ ବାସ କରନ୍ତୁ ବୋଲି ଭଗବାନ କହିଲେ; ଆଉ ପୃଥିବୀରେ ବିଭିନ୍ନ ଜାତୀୟ ପକ୍ଷୀ ଆକାଶରେ ଉଡିବେ ବୋଲି ଚଢେଇ ବନେଇଲେ ଆଉ ସେମାନଙ୍କୁ ଆର୍ଶିବାଦ ଦେଲେ ଯେ ଫୁଲଫଳ ଆଉ ସମୁଦ୍ରରେ ଭରିଯାଅ, ଆଉ ପୃଥିବୀରେ ପକ୍ଷୀ ଉଡୁ । ଏହି ପରି ପଞ୍ଚମ ଦିନ ଶେଷ ହେଲା । ଆଉ ଷଷ୍ଠ ଦିନରେ ଭଗବାନ କହିଲେ ଜାତି ଜାତିର ପ୍ରାଣୀ, ଘରେ ରହିବା ବାଲା ପଶୁ, ଗ୍ଭଲୁଥିବା ଜନ୍ତୁ, ଜଙ୍ଗଲରେ ରହିବା ବାଲା ପଶୁ, ଜାତି ଜାତି ଅନୁସାରେ ଜନ୍ମ ନିଅ ।



**ଫିର୍ ପାରମେଶ୍ୱାରା ଆଦ୍‌ମି ମାନକେ  ଆପାନ୍ ରୂପ୍ ମେ ବାନା ଲାକ୍ । ମାରଦ୍ ଆଉର୍ ଯାନୀ କେର ରୂପ୍ ମେ ଆପାନ୍ ସାମାନ୍ ସୋବ୍‌କୁଛ ଦେଲାକ୍ । ସାମୁଦାର୍ ମାଛରିସେ ଲେଇକେ ଧାରତୀ ଉପର୍ ରାହେକ୍ ବାଲା ସୋବ୍ ପାଶୁ, ଚାରାଇ, ଘାସ, ଗାଛ ସୋବକାର୍ ଉପରେ ମାନୁଷ୍ କେ ଆଧିକାର ଦେଲାକ୍ । ଆଉର୍ ଆଶିଷ୍ ଦେଲାକ୍ ଯେ ଫୁଲୋ ଫାଲୋ ଆଉର୍ ଧାରତୀ କେର୍ ଉପରେ ଭାଇର୍ ଯାଅ । ଉମାନକେ ଖାଏକ୍ ଲାଗିନ୍ ଆଶିଷ୍ ଦେଲାକ୍ ।**

ପୁଣି ଭଗବାନ ମନୁଷ୍ୟ ମାନଙ୍କୁ ନିଜ ସ୍ୱରୁପରେ ତିଆରି କଲେ । ନର ଆଉ ନାରୀ ରୂପରେ ମନୁଷ୍ୟଙ୍କୁ ତିଆରି କଲେ । ସମୁଦ୍ରର ମାଛ ଠୁ ନେଇକି ପୃଥିବୀରେ ରହିବା ବାଲା । ପ୍ରତ୍ୟେକ ପଶୁ, ଜନ୍ତୁ, ଚଢେଇ ଗଛ, ପତ୍ର ସମସ୍ତ ଉପରେ ମନୁଷ୍ୟକୁ ଅଧିକାର ଦେଲେ ।  ଆଉ ଆର୍ଶିବାଦ ଦେଲେ ଯେ ଫୁଲୋ ଫଲୋ । ଆଉ ପୃଥିବୀରେ ଭରିଯାଅ ।



ଆଉର୍ ଧାରତୀକେର୍ ରେଙ୍ଗଂକ୍‌ବାଲ, ଜନ୍ତୁ ଜେକାର୍ ଜାନ୍ ଆହେ ଉମାନ୍‌କେ ଖାଏକ୍ ଲାଗିନ୍ ଛୋଟେ ଛୋଟେ ଘାସ ଗଛ୍ କେ ଦେଲାକ୍ ଉକାର୍ ବାଦେ ଯୋକୁଛ ଉଗେ ଛଅଦିନ୍ ମେ ବାନାଲାକ୍ ଉମାନକେ ଦେଶଲେ ଦେଖଲାକ୍ ତୋ ବେଶ୍ ଦିଶଲାକ୍ ଉକାର୍ ବାଦେ ସାବ୍ ହୋଲାକ୍ ଆଉର୍ ଛଓ୍ୱାଦିନ୍ ଖାତାମ୍ ହୋଲାକ୍। ସୃଷ୍ଟିକେର୍ ବାନାଏକ୍ ଖାତାମ୍ ହୋଇଗେଲାକ୍ ଛଓ୍ୱାଦିନ୍ ମେ ପାରମେଶ୍ୱର୍ ସୋବ୍ କାମ୍ ଖାତାମ୍ ଖାତାମ୍ କାଇର୍ ଦେଲାକ୍ ଆଉର୍ ସାତଓ୍ୱା ଦିନ୍‌ମେ ସୋବ୍ କାମ୍ ସେ ବିଶ୍ରାମ୍ ଲେଗ୍‌ଲାକ୍ ଆଉର୍ ଶାତଓ୍ୱା ଦିନକେ ପାବିତାର୍ ଦିନ ଠହରାଲାକ୍। ସେକ୍‌ରେ ଏତଓ୍ୱାର କେର୍ ଦିନକେ ପାବିତାର୍ ଦିନ କାହାଲ୍ ଯାଏଲା ସେକାର୍ ଉଦିନ୍ ବହୁତ କାମ୍ ସେ ଛୁଟି ମିଲେଲା।

ଆଉ ସମସ୍ତ ପଶୁ ପକ୍ଷୀଙ୍କୁ ପୃଥିବୀରେ ଛୋଟ ଛୋଟ ଗଛ ବୃକ୍ଷଙ୍କୁ ଖାଇବା ପାଇଁ ଅଧିକାର ଦେଲେ, ତା ପରେ ସେ ଷଷ୍ଠ ଦିନରେ ସେମାନଙ୍କୁ ଦେଖି ଭଲ ଲାଗିଲା, ପୁଣି ସନ୍ଧ୍ୟାହେଲା ଏହିପରି ଷଷ୍ଠ ଦିନ ସରିଗଲା। ସୃଷ୍ଟିର ନିର୍ମାଣ ଷଷ୍ଠ ଦିନ ମଧ୍ୟରେ, ସପ୍ତମ ଦିନରେ ଭଗବାନ ସମସ୍ତ କାମରୁ ବିଶ୍ରାମ ନେଲେ। ଆଉ ସପ୍ତମ ଦିନକୁ ପବିତ୍ର ଦିନ ବୋଲି ଘୋଷଣା କଲେ। ସେହି ଦିନଠାରୁ ରବିବାରକୁ ଛୁଟି ଘୋଷଣା କରାଯାଇଛି।



# ବାମ୍‌ହୀ ନାଦୀ
# (ବ୍ରାହ୍ମଣୀ ନଦୀ)

ସୁନ୍ଦାରଗାଡ ଜିଲ୍ଲାକେର୍ କୁଆଁର ମୁଣ୍ଡା ପାଶେ ଏକେଠୁ ଗାଓ୍ୱ ଆହେ । ଗାଓ୍ୱକେର ନାମ ହିକେ ଚାଇନିପୁର । ଇ ଗାଓ୍ୱଁ କେ ଜାଙ୍ଗାଲ ଆଉର୍ ପାହାଡ ଘେିର ହେ । ଇ ଗାଓ୍ୱେ କେ ଦେିଖ କେ ଜାନା ପାଡାଥେ କି ଇ ଗାଓ୍ୱଁକର ଆଦ୍‌ମୀ ଆଗେବାଢେକ ନି ପାରାଥେ । କେଖିନ୍ ହିୟାଁ ଆଇଜ୍ ଭି ଆଦିମ ଜିଇକେ ଆହାଏଁ ପାରାମ୍ପାରା ଆଉର୍ ବିଶ୍ୱାସ ମେ । ଏହେଲେଖେ ପାରାମ୍ପାରା ଆଉର ବିଶ୍ୱାସ ଦେଖେକ୍ ଲେ ମିଲେଲ୍ ଗାଓ୍ୱଁକର ବାମ୍ ହାନ ପାହାଡ ମେ ।

ସୁନ୍ଦରଗଡ ଜିଲ୍ଲାର କୁଆରମୁଣ୍ଡା ନିକଟରେ ଅବସ୍ଥିତ ଚଇନିପୁର, ଏକ ବଣ ପାହାଡ ଘେରା ଛୋଟ ଗାଁ'ଟିଏ । ଲୋକସଂଖ୍ୟା ଦୃଷ୍ଟିରୁ ଏବେ ବି ସେତେଟା ବିକଶିତ ହୋଇପାରିନି ଏହି ଚଇନିପୁର ଗାଁ । ମାତ୍ର ଏଠାରେ ସବୁ ନାହିଁ, ନାହିଁ ଭିତରେ ବି ଜୀବିତ ରହିଛି ଏକ ନିଆରା ପରମ୍ପରା ଯାହା ଦେଖିବାକୁ ମିଳେ ଏହି ଗ୍ରାମର ବ୍ରାହ୍ମଣୀ ପାହାଡରେ ।



**ପାହାଡକେର ହେଠେଁ ଦେଶ୍ ମେ ବାମ୍ହାନ୍ ଦେବୀକେର୍ ଆସ୍ଥାନ୍ ଆହେ । ଆସ୍ଥାନ୍ କାହଲେ ଖୁଲା ବାଦରି କେ ନିଚେ ଏକ୍ଠୁ ବାଡକା ପାଖାନ୍ ଗୋଟେ ହିକେ ଆୟୋକେର ମୂର୍ତ୍ତୀଛାଇ । ରାଉଦ୍ ମାହିନା ଆୟୋକେର୍ ସାରନା ପୂଜା ହୁଇରାହେଲ୍ ।ବିଶ୍ୱାସ ଆଉର୍ ପାରାମ୍ପାରା ଲେଖେ କୁଆଁର ମୁଣ୍ଡାକେର୍ ଚାଇନିପୁର ମେ ନିକେଇ୍ଲ ରାହେ ଆୟୋ ବାହାମନୀଦେବୀ । ଇକାର ପାଶେ ପୂଜା କାର୍ଲେ ପାନି ଆଓ୍ୱେଲ କାହେନା । ପୁରୁଖା ଖାନସେ ବିଶ୍ୱାସ କାର୍ତେ ଆଓ୍ୱାଥାଏଁ ।**

ପାହାଡର ପାଦ ଦେଶରେ ଅବସ୍ଥିତ ବ୍ରାହ୍ମଣୀ ଦେବୀଙ୍କର ଆସ୍ଥାନ । ଆସ୍ଥାନ କହିଲେ ଖୋଲା ଆକାଶ ତଳେ ଏକ ବିରାଟ ପଥର ଶୀଳା ହିଁ ମାଁ'ଙ୍କର ପ୍ରତିମୂର୍ତ୍ତି ଭାବେ ବିରାଜମାନ । ଏହିଠାରେ ହିଁ ମାଁ ବ୍ରାହ୍ମଣୀ ଦେବୀ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି । ଶ୍ରାବଣ ମାସରେ ବ୍ରାହ୍ମଣୀ ଦେବୀଙ୍କୁ ସ୍ୱତନ୍ତ୍ର ଭାବେ ପୂଜା କରା ଯାଉଥିବା ପରିଲକ୍ଷିତ ହୋଇଥାଏ । ବିଶ୍ୱାସ ଏବଂ ପରମ୍ପରାର ପ୍ରତୀକ ସଦୃଶ କୁଆରମୁଣ୍ଡାର ଚଇନିପୁରଠାରେ ଉଭା ହୋଇଛନ୍ତି  ମାଁ ବ୍ରାହ୍ମଣୀ ଦେବୀ । ତାଙ୍କ ନିକଟରେ ଗୁହାରି କଲେ ବର୍ଷା ହୋଇଥାଏ ବୋଲି କେଉଁ କାଳରୁ ବିଶ୍ୱାସ ଚଳି ଆସୁଛି ।



ଲେକିନ୍ ଆଦିମମାନ୍ କାହେନ୍ କି ଚାଇନି ପୁର ପାହାଡ ଉପ୍ରେ ଏକ୍ଝାନ୍ ଓରାଓଁ ଜାନି ମାରାଦ୍ ରାହାତ୍ ରାହଏଁ। କୋନୋ୍ କାରାନ୍ ମେ ଏକ୍ ଝାନ୍ ବାମ୍ହାନ୍ ଅଭିଶାପ ଦେଇରାହେ ଉକାର୍ ଲାଗିନ୍ ଜାନି ହାର୍ ପାଖାନ୍ ହୁଇରାହେ। ଉକାର ଲାଗିନ୍ ଜାନି ହାରକେର୍ ନାମ୍ ବାହାମାନୀ ରାହେ। ପୁରୁଖା ଦିନ୍ମେ ଇକେ ବାମ୍ହାନୀ ଦେବୀ କାହିକ୍ କେ ପୂଜା କାଇର୍ କେ ଆୱାଥାଏଁ। ବାମ୍ହାନୀ ଦେବୀକେର୍ ଜାଗାମେ ଏକ୍ଠୁ ନାଦୀ ବାହେଇର୍ ରାହେ। ଉକାର ଲାଗି ଉ ନାଦୀ କେ ବାମ୍ ହାନୀ ନାଦୀ କାହାତ୍ ରାହଏଁ।

ଏହି ପୂଜା ଶ୍ରାବଣ ମାସର ଦ୍ୱିତୀୟ ସପ୍ତାହରେ ପାଳିତ ହୁଏ। ଏହି ବିଶ୍ୱାସକୁ ପାଥେୟ କରି କେଉଁ କାଳରୁ ଚଳି ଆସୁଛି ଏହି ନିଆରା ପରମ୍ପରା। ତେବେ ଲୋକକଥା ଆଧାରରୁ ଜଣାପଡେ ଯେ ଏକଦା ଚଇନିପୁର ପାହାଡ ଉପରେ ଜଣେ ଓରାଓଁ ଦମ୍ପତି ବାସ କରୁଥିଲେ। କୌଣସି କାରଣରୁ ଜଣେ ବ୍ରାହ୍ମଣଙ୍କ ଅଭିଶାପରୁ ତାଙ୍କ ପତ୍ନୀ ପଥର ଶୀଳାରେ ପରିଣତ ହୋଇଯାଇଥିଲେ। ତାଙ୍କ ସ୍ତ୍ରୀଙ୍କର ନାମ ବାହାମନୀ ଥିବାରୁ ପରବର୍ତ୍ତୀ କାଳରେ ସେହି ପଥର ମୂର୍ତ୍ତୀକୁ ବ୍ରାହ୍ମଣୀ ଦେବୀ ଭାବେ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ବ୍ରାହ୍ମଣୀ ଦେବୀଙ୍କର ଆସ୍ଥାନ ନିକଟରୁ ଏକ ନଦୀଟିଏ ପ୍ରବାହିତ ହେଉଅଛି। ପରବର୍ତ୍ତୀ କାଳରେ ସେହି ନଦୀକୁ ମାଁଙ୍କର ନାମାନୁସାରେ ବ୍ରାହ୍ମଣୀ ନଦୀ ବୋଲି କୁହାଯାଇଥିଲା, ଯାହା ଅଦ୍ୟାପି ବ୍ରାହ୍ମଣୀ ନଦୀ ରୁପେ ବିରାଜମାନ।

